# ‘ପ୍ରଶ୍ନର ସିଧା ଉତ୍ତର ଦେଉନାହାନ୍ତି ଧର୍ମେନ୍ଦ୍ର’

ସମ୍ବଲପୁର, ୬।୫(ସମିସ)

ବିଜେଡି ପଚାରିଥିବା ପ୍ରଶ୍ନର ଉତ୍ତର ନ ମିଳିବାରୁ ଆଜି ପୁଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛି ବିଜୁ ଜନତା ଦଳ। ବାରମ୍ବାର ଓଡ଼ିଆ ଅସ୍ମିତା କଥା କହୁଥିବା ଧର୍ମେନ୍ଦ୍ର ଓଡ଼ିଆ ଲୋକଙ୍କ ପାଇଁ କ'ଣ କରିଛନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା; କିନ୍ତୁ ପ୍ରଶ୍ନର ସିଧା ଉତ୍ତର ନ ଦେଇ ନିଜ ବଚସ୍କରଙ୍କୁ ଲଗେଇ ବିଭିନ୍ନ ସମୟରେ ନାନା କଥା କହୁଛନ୍ତି ଧର୍ମେନ୍ଦ୍ର। ବିଜେଡି ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତି ଏହା କହିଛନ୍ତି।

ଏକ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ଲେନିନ୍ କହିଛନ୍ତି ଯେ, ନିର୍ବାଚନ ଆସିବ ଯିବ; କିନ୍ତୁ ଲୋକଙ୍କ ପ୍ରସଙ୍ଗ ଉପରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିବା ନେତାଙ୍କୁ ଯାଏ ରେଳ ଲାଇନ ହେବ। ତା'ଉପରେ ତାଙ୍କର ଉତ୍ତର କ'ଣ? ବିଗତ ନିର୍ବାଚନରେ ଦେବଗଡ଼ରେ ଲଜିଷ୍ଟିକ ହବ୍ କରିବେ ବୋଲି ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ବାସୀଙ୍କୁ ଦିବା ସ୍ୱପ୍ନ ଦେଖାଇଥିଲେ। ତାହା କୁଆଡ଼େ ଗଲା? ବାରକୋଟରେ ସାଂସଦ ପାଣ୍ଠି ଲୁଟ୍ କରାଯାଇଛି। ଯୁଯୁମୁରା କେସ୍‌ରେ ଯେଉଁ ଲୁଟ ହେଲା ତାର ଉତ୍ତର କିଏ ଦେବ? ସେହି ଘଟଣା ଉପରେ ପ୍ରତିକ୍ରିୟା ଦେବାକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ସତ୍‌ସାହାସ ନାହିଁ। ଯଦି ଅଛି ତା'ହେଲେ ଆମ ପ୍ରଶ୍ନର ଉତ୍ତର ରଖନ୍ତୁ ଧର୍ମେନ୍ଦ୍ର ପ୍ରଧାନ ବୋଲି ଡ. ଲେନିନ୍ ମହାନ୍ତି ଆହ୍ୱାନ କରିଛନ୍ତି। ପୁରପଲ୍ଲୀରେ ଟେଲିଫୋନ ନେଟ୍‌ୱାର୍କ ସଂଯୋଗ ପହଞ୍ଚିପାରି ନାହିଁ। ଆମେ ଭଲ ଭାବେ ଜାଣିଛୁ ସେ ଆମ ପ୍ରଶ୍ନର ଉତ୍ତର ଦେଇପାରିବେ ନାହିଁ। ସେ କେବଳ ମିଛ କୁହନ୍ତି। ସେ ଜଣେ ସୁପର ମିଛୁଆ।

ନିର୍ବାଚନ ପରେ ଏହାକୁ ପୁଣି ଦବେଇ ଦିଆଯାଏ। ସେହିଭଳି ପ୍ରଣବ ପ୍ରକାଶଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ ପ୍ରଥମେ ଜୟନାରାୟଣ ମିଶ୍ରଙ୍କୁ ପଚରାଯାଉ ସେ ନକଲି ଆଫିଡେଭିଟ ଦେଇ ତାଙ୍କର ମୁଖ୍ୟମନ୍ତ୍ରୀ ହେବା ପରେ ୧୪ ହଜାର କୋଟି ବାର୍ଷିକ ଅଟକଳ ଥିଲା। ଆଜି ୩ ଲକ୍ଷ କୋଟି ହୋଇଛି। ତେଣୁ ରାଜ୍ୟସରକାରଙ୍କୁ ପ୍ରଶ୍ନ ପଚାରିବା ପୂର୍ବରୁ ନିଜକୁ ପ୍ରଥମେ ତର୍ଜମା କରନ୍ତୁ ବୋଲି ସିଦ୍ଧାର୍ଥ ଦାସ କହିଥିଲେ।



## ● ବଚସ୍କରଙ୍କୁ ଲଗାଇ ବାଉଳି ହେଉଛନ୍ତି
## ● ନକଲି ଆଫିଡେଭିଟ୍‌ରେ ରାଜ୍ୟ ବାହାର ଲୋକଙ୍କୁ ପୌରାଧ୍ୟକ୍ଷ କରିଛନ୍ତି ଜୟନାରାୟଣ

ଲୋକେ ଗ୍ରହଣ କରିବେ। ବାରମ୍ବାର ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ କରୁଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆମେ ଯେତେବେଳେ ପ୍ରଶ୍ନ କଲୁ ଆପଣଙ୍କ ପାଖରେ କ୍ଷମତା ଥାଇ ଓଡ଼ିଆ ଲୋକଙ୍କ ପାଇଁ କ'ଣ କରିଛନ୍ତି? ଧର୍ମେନ୍ଦ୍ର ପ୍ରଧାନ ବିଚଳିତ ହୋଇ ତାଙ୍କ ବାଚସ୍କରଙ୍କ ମାଧ୍ୟମରେ ନାନା କଥା କହୁଛନ୍ତି। ଆମେ ପଚାରିଥିବା ପ୍ରଶ୍ନର ଉତ୍ତର କେବେ ଦେବେ ତାହା ଅପେକ୍ଷା କରିଛୁ ବୋଲି କହିବା ସହିତ ଅନ୍ୟାନ୍ୟ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଘେରିଛନ୍ତି ଲେନିନ୍ ମହାନ୍ତି ଓ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ସିଦ୍ଧାର୍ଥ ଦାସ। ସ୍ଥାନୀୟ ପାନ୍ଥ ନିବାସରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ଡ. ମହାନ୍ତି କହିଥିଲେ, ଗୋଟିଏ ସପ୍ତାହ ତଳେ ଆମେ ଧର୍ମେନ୍ଦ୍ର ପ୍ରଧାନଙ୍କୁ କିଛି ପ୍ରଶ୍ନ ପଚାରିଥିଲୁ। ଯଦିବା ସେ ଗଳାବାଟ ଦେଇ ଯାଇଛନ୍ତି। ଆଇଓସିଏଲର ଦାୟିତ୍ୱ ନେବା ପରେ ସେ କେତେ ଓଡ଼ିଆ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଓଡ଼ିଶାକୁ ସିଏସ୍‌ଆର ଫଣ୍ଡ କେତେ ଦେଇଥିଲେ। ବିହାର ଓ ମଧ୍ୟପ୍ରଦେଶ ପ୍ରୀତିରେ ପଡ଼ି ଓଡ଼ିଶା ପ୍ରତି ପାତରଅନ୍ତର କରାଯାଇଛି। ସେହିଭଳି ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ରେଢାଖୋଲରୁ ଗୋପଳପୁର ସେହିଭଳି ଭାରତୀୟ ଜନତା ପାର୍ଟିର ନେତା ପ୍ରମୋଦ ରଥ ସମ୍ବାଦିକ ସମ୍ମିଳନୀ କରି ପଚାରିଥିବା ପ୍ରଶ୍ନର ଉତ୍ତର ରଖି ସେ କହିଥିଲେ, ପ୍ରମୋଦ ରଥ ମିଶନ୍ ଶକ୍ତିକୁ କେନ୍ଦ୍ରୀୟ ଯୋଜନା ବୋଲି କହିଥିଲେ। ଅପରପକ୍ଷେ ଜୟନାରାୟଣ କହୁଛନ୍ତି ଏହା ରାଜ୍ୟର ଯୋଜନା। ଆଗ ସେମାନେ ସ୍ପଷ୍ଟ ହୁଅନ୍ତୁ ଏହା କାହାର ଯୋଜନା। ଧର୍ମେନ୍ଦ୍ର ପ୍ରଧାନ ମାଁମାନଙ୍କ ଉନ୍ନତି ସହିପାରୁନାହାନ୍ତି। ତେଣୁ ଏହାକୁ ବନ୍ଦ କରିବାକୁ ବାରମ୍ବାର ପ୍ରୟାସ କରୁଛନ୍ତି। ସେହିଭଳି ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉପରେ ସିଦ୍ଧାର୍ଥ ଦାସ କହିଥିଲେ, ଯେତେବେଳେ ହାଇକୋର୍ଟ ପାଇଁ ଆନ୍ଦୋଳନ ହୋଇଥିଲା ମୁଖ୍ୟମନ୍ତ୍ରୀ ଏହା ଜାଣିବା ପରେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ଯେତେବେଳେ ସୁପ୍ରିମକୋର୍ଟ ଏହା ଉପରେ ଟିପ୍ପଣୀ ଦେଲେ ଆମକୁ ସେହି ଟିପ୍ପଣୀର ସୀମା ମଧ୍ୟରେ ରହିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଚାହାନ୍ତି ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ ହେଉ। ଏଥିପାଇଁ ଆମେ କେନ୍ଦ୍ରକୁ ସହଯୋଗ ମାଗୁଛୁ; କିନ୍ତୁ ବିରୋଧୀ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରି ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। କେବଳ ନିର୍ବାଚନ ସମୟରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗକୁ ମୁଦ୍ଦା କରାଯାଏ; କିନ୍ତୁ ଶିକ୍ଷାଗତ ଯୋଗ୍ୟତା କେତେ ଥର ବଦଳାଇଛନ୍ତି। ପୌର ନିର୍ବାଚନ ସମୟରେ ରାଜ୍ୟ ବାହାରର ଲୋକଙ୍କୁ ଆଣି ନକଲି ଆଫିଡେଭିଟ ଦେଇ ଗାଦିରେ ବସାଇଛନ୍ତି। କେବଳ ସମ୍ବଲପୁର ନୁହେଁ; ବୁର୍ଲା ଏନଏସିରେ ମଧ୍ୟ ତାଙ୍କର ଏହି କରାନାମା ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ମୂଳ ପ୍ରସଙ୍ଗଠାରୁ କଥାକୁ ଓହରାଇଦେବା ତାଙ୍କ ସ୍ୱଭାବ। ସମ୍ବଲପୁରରେ ଜଣେ ଯୋଦ୍ଧା ସହ ଜଣେ ଦରବାରୀର ଲଢ଼େଇ ହେଉଛି। ଦରବାରୀ ଜଣକ ଓଡ଼ିଶାରେ ରାଜନୀତି ପାଇଁ ସ୍ଥାନ ନ ପାଇ ବିହାର, ମଧ୍ୟପ୍ରଦେଶ ଯାଇଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଥିବା ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ କେତୋଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ରାଜ୍ୟ ସରାକରଙ୍କ ଉଦ୍ୟମକ୍ରମେ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ହେବାକୁ ପ୍ରୟାସ ଚାଲିଛି। ଅନେକ ଜିଲ୍ଲା ମେଡିକାଲ କଲେଜ ଆରମ୍ଭ ହେଲାଣି। ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ସମଲେଇ ପ୍ରକଳ୍ପ ପର୍ଯ୍ୟନ୍ତ ସବୁ ପ୍ରକଳ୍ପକୁ ବିରୋଧ କରି ସେମାନେ ଅଦଲାତ ଯାଇଛନ୍ତି। ବିସ୍ଥାପିତଙ୍କ ବିଶ୍ୱାସ ଜିତି ଆମେ ପ୍ରକଳ୍ପ କରିଛୁ। ୨୦୦୦ମସିହାରେ ନବୀନ ପଟ୍ଟନାୟକ ମହାନଦୀ ଓ ପାନୀୟ ଜଳ ସମସ୍ୟା ର ଉତ୍ତର ରଖି ଡ. ଲେନିନ୍ ମହାନ୍ତି କହିଥିଲେ, ଯେଉଁ ଲୋକ ଛତିଶଗଡ଼ ପାଇଁ ଓକିଲାତି କଲେ ସେ ଏବେ ମହାନଦୀ ଉପରେ ପ୍ରଶ୍ନ କରୁଛନ୍ତି। କୋଭିଡ୍ ସମୟରେ ନିୟମ ଅନୁସାରେ ସୁପ୍ରିମକୋର୍ଟର ଅନୁମତି ପାଇ ରଥଯାତ୍ରା କରାଯାଇଛି। ଧର୍ମେନ୍ଦ୍ର ପ୍ରଧାନ ଏହାକୁ ବନ୍ଦ କରିବାକୁ ଚାହୁଁଥିବାବେଳେ ରଥଯାତ୍ରା ହେବାରୁ ସେ ଦୁଃଖୀ ହୋଇ ତାଙ୍କ ବାଚସ୍କରଙ୍କ ମାଧ୍ୟମରେ ଏହି ପ୍ରଶ୍ନ କରୁଛନ୍ତି। ସେହିଭଳି ବିସ୍ଥାପିତଙ୍କ ପ୍ରସଙ୍ଗରେ ଲେନିନ୍ ମହାନ୍ତି କହିଛନ୍ତି ଯେ, ଅନେକ ବିସ୍ଥାପିତଙ୍କୁ ପଟ୍ଟା ମିଳିସାରିଛି। ଆଉ କିଛି ବାକି ରହିଛି। ଖୁବ୍ ଶୀଘ୍ର ସେମାନଙ୍କୁ ମଧ୍ୟ ପଟ୍ଟା ପ୍ରଦାନ କରାଯିବ। ଆଗକୁ ନିର୍ବାଚନ ରହିଛି। ଏଠାରେ ପ୍ରତିଦ୍ୱନ୍ଦ୍ୱତା କରୁଥିବା ଦୁଇ ନେତାଙ୍କ ମଧ୍ୟରେ ତଫାତ ରହିଛି। ଧର୍ମେନ୍ଦ୍ର କ୍ଷମତାର ଲୋଭୀ। କ୍ଷମତା ପାଇଁ ସେ ଗଳାବାଟ ଦେଇ ଯାଉଛନ୍ତି। ପ୍ରଣବଙ୍କଠାରୁ ଧର୍ମେନ୍ଦ୍ର ଶିଖିବା କଥା। ସାଂଗଠାନିକ କାମ ପାଇଁ ପ୍ରଣବ ମନ୍ତ୍ରୀପଦ ଛାଡ଼ିଛନ୍ତି। ତେବେ ପ୍ରସଙ୍ଗଭିତ୍ତିକ ପ୍ରଶ୍ନର ଉତ୍ତର ରଖି ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ ଆମକୁ ସାମ୍ନା କରନ୍ତୁ ବୋଲି ଡ. ଲେନିନ୍ ମହାନ୍ତି ଓ ସିଦ୍ଧାର୍ଥ ଦାସ ଖୋଲା ଚ୍ୟାଲେଞ୍ଜ କରିଛନ୍ତି।

### ‘ବିଜେଡିର ବିଜୟ ସୁନିଶ୍ଚିତ’
## ବିଜୁ ଜନତା ଦଳର ମାରାଥନ ପ୍ରଚାର




**କୁଚିଣ୍ଡା, ୬।୫(ସମିସ):** ସୋମବାର କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ମାରାଥନ ପ୍ରଚାର ଆରମ୍ଭ କରାଯାଇଛି। କୁଚିଣ୍ଡା ନିର୍ବାଚନମଣ୍ଡଳୀର କୁଲେଇଗଡ଼, କୁଟୁରାଚୁଆଁ, ଅର୍ଦ୍ଧାବାହାଲ, ବାଉରିଗୁଡ଼ା ଗ୍ରାମପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ସାଧାରଣ ସଭା କରାଯାଇଥିଲା। କୁଚିଣ୍ଡା ବିଜେଡି ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ନିର୍ବାଚନ ପରିଚାଳକ ସଞ୍ଜିତ ମହାନ୍ତି ପ୍ରମୁଖ ବିଜେଡି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ଓଡ଼ିଶାର ବିକାଶବାର୍ତ୍ତା ଦେଇ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଶଙ୍ଖ ଚିହ୍ନରେ ଭୋଟ ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଓଡ଼ିଶାର ବିକାଶ ଏବଂ ଚାଷୀ, ଶ୍ରମିକ, ମହିଳା ଯୁବକ ଛାତ୍ରଙ୍କ ସହଯୋଗରେ ମାନ୍ୟବର ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ। ସମସ୍ତ ସାଧାରଣ ସଭାରେ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା, ଯୁବଛାତ୍ର, ମହିଳା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ସୁଶୀଲ ନାୟକ, ଲମ୍ବୋଦର କୁମ୍ରା, ଗୁରୁ ମହାପାତ୍ର, ତୁଳରାମ ବାଘ, ମହମନ୍ତ ପଟେଲ, କିଶୋର ପ୍ରଧାନ, ଲହୁଣୀ ବାଗ, ପ୍ରସନ୍ନ ନାୟକ, ରିଙ୍କୁ ନାୟକ, ଅନିତା ପଟେଲ, ତ୍ରିବିକ୍ରମ ପ୍ରଧାନ, ମିଳନ ନାୟକ, ଚମ୍ପବତୀ ବେହେରା, ସୁଲେଶ୍ୱରୀ ନାୟକ, ଗୋବର୍ଦ୍ଧନ ବାଗ, ପରେଶ ପଟେଲ, ଗଦାଧର ପୋଢ଼, ଦେବ ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ମିକୁ ପ୍ରଧାନ ପ୍ରମୁଖ ସଭା ଉପସ୍ଥିତ ଥିଲେ।

## ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**କୁଚିଣ୍ଡା, ୬।୫ (ସମିସ):** ୨୦୨୪ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖରେ ଦୁଇ ସ୍ୱାଧୀନ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମିନାକ୍ଷୀ ମାଝୀ ଓ ବୃନ୍ଦାବନ ମାଝୀ ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ଅଧିକାରୀଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି।

## କାର୍‌ରୁ ୧ ଲକ୍ଷ ୬୧ ହଜାର ଜବତ କଲା ଫ୍ଲାଇଂ ସ୍କ୍ୱାଡ୍



**ପଡ଼ିଆବାହାଲ, ୬।୫(ସମିସ):** ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ଲକ୍ଷାଧିକ ଟଙ୍କା ଧରି ଯାଉଥିବା ଜଣେ ବ୍ୟକ୍ତିଙ୍କ ଠାରୁ ସଦର ପୁଲିସ ଉଦ୍ଧାର କରି ଟ୍ରେଜେରୀରେ ଜମା କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆଜି ଅପରାହ୍ନରେ ସଦର ପୁଲିସର ଫ୍ଲାଇଂ ସ୍କ୍ୱାର୍ଡ କବରାପାଲି ପଞ୍ଚାୟତର ନିଲଡୁଙ୍ଗରୀ ଟୋଲ ପ୍ଲାଜା ଠାରେ ଗାଡ଼ି ଗୁଡିକୁ ଯାଞ୍ଚ କରୁଥିଲେ। ଏହି ସମୟରେ ଅନୁଗୁଳ ପାଲହଡାର ଅମିତ କୁମାର ଜୟସ୍ୱାଲଙ୍କ ପାଖରୁ ୧ ଲକ୍ଷ ୬୧ ହଜାର ୮ ଶହ ଟଙ୍କା ବାହାରି ଥିଲା। ଏହି ଅର୍ଥ କାହାପାଇଁ ଓ କେଉଁ କାରଣରେ ନିଜ ପାଖରେ ରଖିଛନ୍ତି ତାହାର କୌଣସି ସନ୍ତୁଷ୍ଟ ଜନକ ଉତ୍ତର ସେ ଦେଇପାରି ନଥିଲେ। ଏହି ଟଙ୍କାକୁ ଜବତ କରି ସମ୍ବଲପୁର ଟ୍ରେଜେରୀରେ ଜମା କରିଥିବା ନେଇ ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ବାମରାରେ ବିଜେଡିର ବୈଠକ
## ବିଜେଡିକୁ ବିଜୟୀ କରାଇବା ପାଇଁ କର୍ମୀ ନେଲେ ଶପଥ




**ବାମରା, ୬।୫(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବାମରା ବ୍ଲକ ବିଜୁ ଜନତାଦଳ ପକ୍ଷରୁ ମାରାଥନ ପ୍ରଚାର, ବିଜେଡ଼ି ବିଜୟ ସୁନିଶ୍ଚିତ କରାଇବାକୁ ଆହ୍ୱାନ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ରବଗା, କିନା ବଗା, ସଗରା, ଗଡ଼ପୋଷ, ପିଣ୍ଡା ପଥର, ଉଜକା ପାଟ ପ୍ରଭୃତି ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଜେଡ଼ି ବିଧାନ ସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ବିଜେଡ଼ି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଷୟରେ ଅବଗତ କରି ଭୋଟ ନିବେଦନ କରିଥିଲେ। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସଞ୍ଜିତ ମହାନ୍ତି ଓଡ଼ିଶାରେ ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବାର ସୁନିଶ୍ଚିତ ବୋଲି କହିବା ସହ କୁଚିଣ୍ଡାର ବିକାଶ ପାଇଁ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଶଙ୍ଖ ଚିହ୍ନରେ ଭୋଟ ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଶତାଧିକ ସଂଖ୍ୟାରେ ଚାଷୀ, ଶ୍ରମିକ, ମହିଳା ଯୁବକ ଛାତ୍ର ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ମିଶ୍ର, ସଦାନନ୍ଦ କୁଜୁର, ବ୍ଲକ ସଭାପତି ଅରବିନ୍ଦ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଜନ୍ମଜୟ ଟପୋ, ଧର୍ମେନ୍ଦ୍ର ଶୁକ୍ଲା, ସୁଶିଲ ପ୍ରସାଦ, ଆଶ୍ୱିନୀ ପଟେଲ, କ୍ଷୀରୋଦ ବେହେରା, କପୂର୍ ସାହୁ, ରାଜେଶ୍ ବାଘ, କ୍ରିଷ୍ଣା ଖଣ୍ଡେଲ୍?ୱାଲ, ସୁବାସ ଶର୍ମା, ବରଞ୍ଜି ମାଝି, ସଞ୍ଜୀବ ପଟେଲ, ଲୋଚନ ଲୁହା, ବାପି ଶର୍ମା, ଦେବ ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ମିକୁ ପ୍ରଧାନ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ୧ ଟଙ୍କିଆ କ୍ଲିନିକକୁ ୫୦ ହଜାର ଟଙ୍କା ଦାନ

**ବୁର୍ଲା, ୬।୫(ସମିସ):** ବୁର୍ଲା ଭିମସାର ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଏକ ଟଙ୍କିଆ କ୍ଲିନିକକୁ ଜନ ସମର୍ଥନ ବଢ଼ିବାରେ ଲାଗିଛି। ସ୍ୱର୍ଗତ ବାପାଙ୍କ ଜନ୍ମ ଜୟନ୍ତୀରେ ଜଣେ ଦମ୍ପତ୍ତି ଏକ ଟଙ୍କିଆ କ୍ଲିନିକକୁ ୫୦ ହଜାର ଟଙ୍କା ଦାନ କରିଛନ୍ତି। ଏହି ଟଙ୍କାକୁ ଗରିବ ରୋଗୀଙ୍କ ମେଡିସିନ କିଣାରେ ଖର୍ଚ୍ଚ କରିବା ପାଇଁ ଦମ୍ପତ୍ତି ଡାକ୍ତର ରାମଚନ୍ଦାନୀଙ୍କୁ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ଓକିଲ କମଲ ପ୍ରସାଦ ମିଶ୍ରଙ୍କ ବାପା ସ୍ୱର୍ଗତ ନକୁଲ ପ୍ରସାଦ ମିଶ୍ରଙ୍କ ଆସନ୍ତା ୧୦ ତାରିଖରେ ଜନ୍ମ ଜୟନ୍ତୀ ରହିଛି। ନକୁଲଙ୍କ ସ୍ମୃତିରେ ୫୦ ହଜାର ଟଙ୍କା ଦାନ କରିଛନ୍ତି। ଏହି ଟଙ୍କାରେ ମେଡିସିନ କିଣି ଗରିବ ରୋଗୀଙ୍କୁ ଦାନ କରିବା ପାଇଁ କମଲ ପ୍ରସାଦ ମିଶ୍ର ଓ ତାଙ୍କ ପତ୍ନି ନନ୍ଦିନୀ ମିଶ୍ର ଅନୁରୋଧ କରିଛନ୍ତି। ଏହି ସମୟରେ କମଲଙ୍କ ପୁଅ ଆଶିଷ ମିଶ୍ର ଓ ମନିଷ ମିଶ୍ର ଉପସ୍ଥିତ ଥିଲେ। ପୂର୍ବରୁ ମଧ୍ୟ ଏହି ଟଙ୍କିକିଆ କ୍ଲିନିକକୁ ସହଯୋଗର ହାତ ବଢ଼ିଛି।



## ରାସ୍ତା ନିର୍ମାଣ ପାଇଁ ଆଦିବାସୀଙ୍କ ଜମି ଦଖଲ ଅଭିଯୋଗ



**ବାମରା, ୬।୫(ସମିସ):** ବାମରା ବ୍ଲକ ଗରଢ଼େଗାଠାରୁ ଜୁରାପାଲି ପର୍ଯ୍ୟନ୍ତ ଆରଡ଼ି ବିଭାଗ ପକ୍ଷରୁ ପ୍ରାୟ ୧୫ କିମି ରାସ୍ତା ନିର୍ମାଣ ତଥା ପ୍ରଶସ୍ତୀକରଣ ଯୋଗୁ ଆଦିବାସୀଙ୍କ ଜମି କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗରେ ଆଜି ଲୋକମୁକ୍ତି ସଂଗଠନ ଓ ଗ୍ରାମବାସୀଙ୍କ ତରଫରୁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରବଗା ଗ୍ରାମପଞ୍ଚାୟତର ଡ଼ହମୁଣ୍ଡା, ସୁନାମୁଣ୍ଡା, ଜୁରାପାଲି ଏବଂ କିଚିଣ୍ଡା ଗ୍ରାମର ୫୦ରୁ ଅଧିକ ଆଦିବାସୀଙ୍କ ରାସ୍ତା ପାର୍ଶ୍ୱରେ ଥିବା ଚାଷଜମି ଏବଂ ବାସଘର ସବୁ ଆଂଶିକ ଭାବରେ ପୋତିହେବା ସହ କ୍ଷତିଗ୍ରସ୍ତ ହେବାର ଅଭିଯୋଗରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ଏହି ନିର୍ମାଣଧିନ ରାସ୍ତା ଯୋଗୁଁ ବେଆଇନ ଭାବେ ଜଙ୍ଗଲଜମିକୁ ମଧ୍ୟ ଅକ୍ତିଆର କରାଯାଉଛି। ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକେ ପାଣିର ଅଭାବର ସମ୍ମୁଖୀନ ହେଉଥିବାବେଳେ ଏହି ରାସ୍ତା ଯୋଗୁଁ ନଳକୂଅ ମଧ୍ୟ ପୋତିହେଇଯାଉଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ, ବାମରା ହେଉଛି ପେସା ଅଞ୍ଚଳ। ଭାରତୀୟ ସମ୍ବିଧାନର ଧାରା ୨୪୪(୧) ଏବଂ ପଞ୍ଚମ ଅନୁସୂଚୀରେ ଗ୍ରାମସଭାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ପ୍ରକଳ୍ପ ଯୋଗୁଁ ଗ୍ରାମସଭାକୁ ସୂଚିତ କରାନଯାଇ ବେଆଇନ ଭାବେ ରୋଡ଼ କାର୍ଯ୍ୟ ଚାଲିଛି। ଏପରିକି ଏହି ପ୍ରକଳ୍ପ ଯୋଗୁଁ ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଏଣୁ ଏ ବିଷୟରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାମରଙ୍କୁ ସାକ୍ଷାତ ସମୟରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ, ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ, ସଂଯୋଜକ ଜିନିଦ ସାମାଦ, କମିଟି ସଭ୍ୟ ରବୀନ୍ଦ୍ର ନାୟକ, କାତ୍ରୀନା କିରୋ, ବିପିନ କିଶୋର ବାଆ, ରଞ୍ଜନ କାଲୋ, ପ୍ରଦୀପ ବିଲୁଙ୍ଗ, ଦାୟାଲ ତୀର୍କିଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧ ଲକ୍ଷ ୮୨ହଜାର ଯୁବ ଭୋଟରଙ୍କ ଉପରେ ନଜର

ସମ୍ବଲପୁର, ୬।୫(ସମିସ)

ସମ୍ବଲପୁର ଲୋକସଭା ଓ ଏହା ଅଧିନରେ ଥିବା ୭ ଗୋଟି ବିଧାନସଭା ପାଇଁ ମେ ୨୫ ତାରିଖ ମତଦାନ ହେବ। ଚଳିତ ନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସ ଯୁବ-ଛାତ୍ରଙ୍କୁ ଗୁରୁତ୍ୱ ଦେଇଛି। ଜିଲ୍ଲାରେ ଥିବା ଯୁବ ଭୋଟରଙ୍କ ଉପରେ ନଜର ରହିଛି। ସେମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରୟାସ କରାଯାଉଛି। ଯୁବ ଛାତ୍ର ସଙ୍ଗଠନଙ୍କୁ ନେତୃତ୍ୱ, ଗୁରୁତ୍ୱ ଓ ସୁଯୋଗ ଦେଉଛନ୍ତି। ବିଜେଡି ୨୦୨୪ରେ ଯୁବ ନେତୃତ୍ୱକୁ ଅନ୍ୟ ଦଳ ତୁଳନାରେ ଅଧିକ

### ପ୍ରଭାବିତ କରିବାକୁ ସମସ୍ତଙ୍କ ପ୍ରୟାସ

ସୁଯୋଗ ଦେଇଛି। ଜିଲ୍ଲାର ବିଭିନ୍ନ ପଦ ପଦବୀରେ ରହିଛନ୍ତି। ସେମାନଙ୍କୁ ନିର୍ବାଚନରେ ଗୁରୁଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ୪ ବିଧାନସଭାରୁ ରେଙ୍ଗାଲି ବିଧାନସଭାରେ ଜଣେ ଯୁବ ଚେହେରାକୁ ବିଜେଡି ପ୍ରାର୍ଥୀ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ସେ ବିଜୟୀ ହୋଇ ଜିଲ୍ଲାପରିଷଦ ସଦସ୍ୟ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାମ, ଲୋକାଭିମୁଖୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇ ପାରିଥିଲେ। ଦଳ ପାଇଁ କାମ କରିଥିଲେ, ତେଣୁ ଦଳ ପୂରା ରେଙ୍ଗାଲି ନିର୍ବାଚନ ଭାର ଦେଇଛି। ଘର ଘର ବୁଲି ପ୍ରଚାର କରୁଛନ୍ତି। ଲୋକଙ୍କ ମନ ଜିଣି ପାରୁଛନ୍ତି। ସେହିପରି ରେଙ୍ଗାଲି ବିଧାନସଭାରେ କଂଗ୍ରେସ ମଧ୍ୟ ଜଣେ ଯୁବ ଚେହେରା ଦିଲ୍ଲୀପ ଦୁରିଆଙ୍କୁ ପ୍ରାର୍ଥୀ କରିଛି। ମିଳିଥିବା ରିପୋର୍ଟ ଅନୁସାରେ ଜିଲ୍ଲାର ୪ ବିଧାନସଭାରେ ୧୮-୧୯ ବର୍ଷ ମଧ୍ୟରେ ମୋଟ୍ ୨୨ ହଜାର ୨୮୯ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ କୁଚିଣ୍ଡା ବିଧାନସଭାରେ ୭୫୧୭, ରେଙ୍ଗାଲି ବିଧାନସଭାରେ ୪୯୨୨, ସମ୍ବଲପୁର ବିଧାନସଭାରେ ୪୫୧୪, ରେଢାଖୋଲରେ ୫୩୩୬ ଭୋଟର ରହିଛନ୍ତି। ସେହିପରି ୨୦-୨୦ ବର୍ଷ ମଧ୍ୟରେ କୁଚିଣ୍ଡାରେ ୫୨ ୧୮୬, ରେଙ୍ଗାଲି ବିଧାନସଭା ୪୮, ୧୨୬, ସମ୍ବଲପୁର ୪୭୧୫୪, ରେଢ଼ାଖୋଲରେ ୪୨୨୭୫ ମତଦାତା ରହିଛନ୍ତି। ଜିଲ୍ଲାରେ ୧ ଲକ୍ଷ ୮୭ ହଜାର ୭୮୫ ଯୁବବର୍ଗର ମତଦାତା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଆଜି ଦିନରେ ଯୁବ ଭୋଟରମାନେ ପୂରା ସଚେତନ ରହିଛନ୍ତି। ସାମାଜିକ ଗଣମାଧ୍ୟମ ସହିତ ବିଭିନ୍ନ ମାଧ୍ୟମରେ ସୂଚନା ହାତମୁଠାକୁ ଚାଲିଆସୁଛି। ପ୍ରାୟ ସମସ୍ତ ଭୋଟର ମୋବାଇଲ ଫୋନ ବ୍ୟବହାର କରି ତଥ୍ୟ ସଂଗ୍ରହ କରୁଛନ୍ତି। ତେଣୁ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ସର୍ବାଙ୍ଗୀନ ଉନ୍ନତି କରି ଆସୁଥିବା ଦଳର ପ୍ରାର୍ଥୀକୁ ପସନ୍ଦ କରି ମତଦାନ କରିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ନିରପେକ୍ଷ,




ଅବାଧ ନିର୍ବାଚନ କରିବା ପାଇଁ ପ୍ରଶିକ୍ଷଣ ଶିବିର କରାଯାଉଛି। କଲେଜଗୁଡ଼ିକରେ ନୂତନ ଭୋଟରଙ୍କୁ ମତଦାନ ଉପରେ ସଚେତନ କରାଯାଉଛି। ଅଧିକ ସଂଖ୍ୟାରେ ଯୁବ, ଦିବ୍ୟାଙ୍ଗ, କିନ୍ନର ଭୋଟରମାନେ ମତଦାନ ପର୍ବରେ ସାମିଲ ହେବେ ସେ ନେଇ ସଚେତନ କରାଯାଉଛି। ଅଧିକ ଅନ୍ତର୍ଭୁକ୍ତୀକରଣ, ଉପଲବ୍ଧତା ଏବଂ ସମସ୍ତ ଭୋଟରଙ୍କ ଅଂଶଗ୍ରହଣ ମାଧ୍ୟମରେ ଏହି ନିର୍ବାଚନକୁ ଗଣତାନ୍ତ୍ରିକ କରିବା ପାଇଁ ପ୍ରୟାସ କରାଯାଉଛି। ହ୍ୱିଲ୍ ଚେୟାରରେ ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ସେମାନଙ୍କୁ ସହାୟତା କରିବା ପାଇଁ ସ୍ୱେଚ୍ଛାସେବୀଙ୍କ ବ୍ୟବସ୍ଥା, ବୁଥ୍ ମତଦାନ କେନ୍ଦ୍ର ଏବଂ ମତଦାନ କେନ୍ଦ୍ରରୁ ନିଜ ନିଜ ଘରକୁ ମାଗଣାପରିବହନ ବ୍ୟବସ୍ଥା, ଦୃଷ୍ଟିହୀନବ୍ୟକ୍ତିଙ୍କ ପାଇଁ ବ୍ରେଲ ପେପରର ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ରାମ୍ପ ସୁବିଧା, ସେମାନଙ୍କ ପାଇଁ ବିଭିନ୍ନ ପ୍ରବେଶ ଦ୍ୱାର ଆଦି ବିଷୟରେ ସୂଚନା ଦିଆଯାଇଛି।

# ବିପୁଳ ପରିମାଣର ବିଦେଶୀ ମଦ ସହ ୩ ଗିରଫ



**ବରଗଡ଼, ୬।୫(ସମିସ):** ବେଆଇନ ଚାଲାଣ ବେଳେ ବିପୁଳ ପରିମାଣର ବିଦେଶୀ ମଦ ସହ ୩ ଜଣଙ୍କୁ ଗିରଫ କରିଛି ବରଗଡ଼ ଟାଉନ ପୁଲିସ। ୪୩ ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ପ୍ରାୟ ୯ ଶହ ବୋତଲ ବିଅର ଓ ବିଦେଶୀ ମଦ ରହିଥିବା ବେଳେ ତାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସେହିପରି ଗିରଫ ଯୁବକମାନଙ୍କ ଠାରୁ ଓଡି ୦୭ ବି ୨୭୮୯ ନମ୍ବରର ବୋଲେରୋ, ଓଡି ୧୭ ଏସ ୩୭୨୨ ନମ୍ବରର ମୋଟର ସାଇକେଲ ଏବଂ ଗୋଟିଏ ଫ୍ରିଜର ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି। ଗିରଫ ଯୁବକମାନେ ବରଗଡ଼ ନୂଆଗଡ଼ର ଘନଶ୍ୟାମ ସାହୁ ଓ ବେଦବ୍ୟାସ ସାହୁ ଏବଂ ରେଲୱେ ଷ୍ଟେସନପଡ଼ାର ଦିଲୀପ କୁମାର ବୋଲି ପୁଲିସ ସୂଚନା ଦେଇଛି। ରବିବାର ବରଗଡ଼ କୃଷକ ବଜାର ନିକଟରେ ଏକ ବୋଲେରୋରେ ବିପୁଳ ପରିମାଣର ବିଦେଶୀ ମଦ ଚାଲାଣ ହେଉଥିବା ନେଇ ପୁଲିସ ଖବର ପାଇବା ସହ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଉପରୋକ୍ତ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଜବତ ବିଦେଶୀ ମଦ ନୂଆପଡ଼ା ଜିଲ୍ଲାକୁ ଚାଲାଣ ହେଉଥିବା ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକେଲ ସୂଚନା ଦେଇଛନ୍ତି।

# ନକଲି ବିହନର ମାୟାଜାଲ
# କେଣ୍ଡା ଧରୁନି; ଚିନ୍ତାରେ ଚାଷୀ

ବରଗଡ଼, ୬।୫(ସମିସ)

ବରଗଡ଼ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ସମସ୍ୟା ଚାଷ ଓ ଚାଷୀର ପିଛା ଛାଡୁନି। କେତେବେଳେ ନକଲି କୀଟନାଶକ ପ୍ରଭାବରେ ଫସଲ ଉଜୁଡ଼ି ଯାଉଥିବା ବେଳେ ଆଉ କେତେ ବେଳେ ନକଲି ବିହନ ଯୋଗୁଁ ଚାଷୀ ସର୍ବସ୍ୱାନ୍ତ ହୋଇପଡୁଛି। ଏପରି ଏକ ଅଭିଯୋଗ ଆସିଛି ଗାଇସିଲେଟ ବ୍ଲକରୁ। ଗାଇସିଲେଟ ହଲନ କନାସୀ ଏବଂ ଜାମୁଟପାଲି ଗାଁର ବହୁ ଚାଷୀ ଏକ କଂପାନୀରୁ ବିହନ ଆଣି ରବି ଋତୁ ପାଇଁ ଧାନ ଚାଷ କରିଥିଲେ। ତେବେ ଧାନ ଚାଷ କରିବା ପରେ ସେଥିରୁ ଧାନ କେଣ୍ଡା ହେଉ ନଥିବା ପରିଲକ୍ଷିତ ହୋଇଛି।



ଏ ନେଇ ସୋମବାର ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏ ନେଇ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ ଗାଇସିଲେଟ ବ୍ଲକର ହଲନକନାସୀ ଏବଂ ଜାମୁଟପାଲି ଗ୍ରାମର ପ୍ରାୟ ୧୨ ଜଣ ଚାଷୀ ଜେନେଟିକା କଂପାନୀର କର୍ମକର୍ତ୍ତାଙ୍କ ପ୍ରଲୋଭନରେ ପଡ଼ି ରବି ଋତୁରେ ଧାନ ଚାଷ କରିଥିଲେ। ତେବେ ସେମାନେ ଚାଷ କରିଥିବା ପ୍ରାୟ ୨୦ ଏକର ଫସଲ ଏବେ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଦେଖିବାକୁ ମିଳିଛି। ଚାରି ମାସ ପୂର୍ବରୁ ଚାଷ କରାଯାଇ ଥିଲେ ମଧ୍ୟ ଉକ୍ତ ଫସଲରେ କେଣ୍ଡା ଧରୁ ନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉକ୍ତ କଂପାନୀ ନକଲି ବିହନ ଯୋଗାଇ ଦେଇଥିବା ଚାଷୀମାନେ ଅଭିଯୋଗ କରିବା ସହ ଧାନ ଗଛ ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଚାଷୀମାନେ ଏ ନେଇ ବିହିତ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ତାତି ଯୋଗୁଁ ସନ୍ଧ୍ୟାରେ ଜମୁଛି ପ୍ରଚାର



**ପଦ୍ମପୁର, ୬।୫ (ସମିସ):** ପଦ୍ମପୁର ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏଭଳି ପ୍ରତିକୂଳ ଅବସ୍ଥାରେ ନିର୍ବାଚନ ପ୍ରଚାର କରିବା ସମ୍ଭବ ହେଉନାହିଁ। ଫଳରେ ସନ୍ଧ୍ୟା ସମୟରେ ହିଁ ବିଭିନ୍ନ ରାଜନୈତିକ ଦଳର ନେତା ପ୍ରଚାରରେ ବାହାରୁଛନ୍ତି। ଆଭ୍ୟନ୍ତରୀଣ ଅଞ୍ଚଳର ବିଭିନ୍ନ ଗାଁ ମାନଙ୍କରେ ନାମଯଜ୍ଞ, ସଭାସମିତି ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ନେତା। ସେମାନେ ଲୋକଙ୍କ ଠାରୁ ଆଶୀର୍ବାଦ ନେବା ସହିତ ଲୋକଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରୁଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଖାସ କରି ବିଜେଡି ଓ ଭାଜପା ମଧ୍ୟରେ ଏଭଳି ପ୍ରତିଦ୍ୱନ୍ଦିତାମୂଳକ ପରିସ୍ଥିତି ଅଧିକ ଦେଖିବାକୁ ମିଳୁଛି। ଏହାରି ସୁଯୋଗ ଭୋଟର ମଧ୍ୟ ହାତଛଡ଼ା କରୁନାହାନ୍ତି।

# ଆଶୀର୍ବାଦ କାମନା କଲେ ଦେବେଶ

**ବରଗଡ଼, ୬।୫(ସମିସ) :** ଧିରେ ଧିରେ ନିର୍ବାଚନୀ ମାହୋଲ ବଢ଼ିବାକୁ ଲାଗିଥିବା ବେଳେ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ପ୍ରତି ୱାର୍ଡ଼ରେ ଘରକୁ ଘର ଯାଇ ଭୋଟରଙ୍କୁ ଭେଟୁଥିବା ବେଳେ ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ସମଗ୍ର ଓଡ଼ିଶା ଓ ବରଗଡ଼ର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଶୀର୍ବାଦ କାମନା କରିଛନ୍ତି। ଏହି ଅବସର ୱାର୍ଡ ନମ୍ବର ୧ ଠାରେ ମିଶନ ଶକ୍ତି ମାଆ ମାନଙ୍କ ଉପସ୍ଥିତିରେ ଏକ ଜନସଭାରେ ଦେବେଶ ଆଚାର୍ଯ୍ୟ ବିଗତ ଦଶ ବର୍ଷ ମଧ୍ୟରେ ବରଗଡ଼ରେ ତାଙ୍କ ଉଦ୍ୟମରେ ହୋଇଥିବା ବିକାଶ କାର୍ଯ୍ୟର ଏକ ତାଲିକା ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ କ୍ୟାନସର ହସ୍ପିଟାଲ, ଇନଡୋର ଷ୍ଟାଡିୟମ, ଜୀରା ବ୍ରିଜ, ଆଦର୍ଶ ବିଦ୍ୟାଳୟ, ଆନନ୍ଦ ସ୍ମାର୍ଟପାର୍କ, ଗାନ୍ଧୀପାର୍କ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ଲୋକାର୍ପିତ ହୋଇ ସାରିଥିବା ଉଲ୍ଲେଖ କରି ଜୀରା ନଦୀ କୂଳରେ ରିଙ୍ଗ ରୋଡ଼ ନିର୍ମାଣ, ଆମ୍ବସଢ଼ା ନିକଟରେ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମ ନିର୍ମାଣ, କୃଷକ ବଜାର ନିକଟରେ ୫ ଶହ ଆସନଯୁକ୍ତ ଅତ୍ୟାଧୁନିକ ଅଡିଟୋରିଅମ, ବରଗଡ଼-ଭେଡେନ ରୋଡ ପ୍ରଶସ୍ତିକରଣ କାର୍ଯ୍ୟ ପ୍ରଗତିରେ ଥିବା ସହିତ ଗମନା ଗମନ ପାଇଁ ୬ ଟି ବିଜୁ ସେତୁ ଲୋକାର୍ପଣ ହୋଇ ଆହୁରି ୮ ଟି ବିଜୁ ସେତୁ ନିର୍ମାଣାଧୀନ ରହିଥିବା ସେ ପ୍ରକାଶ କରିଥିଲେ।



# ବରିଷ୍ଠ ନାଗରିକଙ୍କୁ ଭେଟିଲେ ମନ୍ତ୍ରୀ ରୀତା ସାହୁ



**ବରପାଲି, ୬।୫ (ସମିସ):** ବିଜେପୁର ବିଜେଡି ବିଧାୟିକା ପ୍ରାର୍ଥୀ ମନ୍ତ୍ରୀ ରିତା ସାହୁ ନିର୍ବାଚନ ପ୍ରଚାରରେ ବିଭିନ୍ନ ଗ୍ରାମର ଛାତ୍ର, ଯୁବକ, ପୁରୁଷ ଓ ମହିଳା ମତଦାତାଙ୍କୁ ଭେଟି ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଦେଉଥିବା ବେଳେ ଆଜି ବରିଷ୍ଠ ନାଗରିକ ମାନଙ୍କୁ ଭେଟି ତାଙ୍କର ଅଭାବ ଅସୁବିଧା ପଚାରି ବୁଝିଥିଲେ। ନାଗରିକ ମାନଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟ ଅନ୍ୟାନ୍ୟ ସମସ୍ୟା ବୁଝିଥିଲେ। ଚଳିତ ସାଧାରଣ ନିର୍ବାଚନରେ ବିଜେଡିକୁ ଆଶୀର୍ବାଦ ପ୍ରଦାନ ପାଇଁ ବରିଷ୍ଠ ନାଗରିକଙ୍କୁ ନିବେଦନ କରିଥିଲେ। ବରପାଲି, ଗାଇସିଲେଟ ଓ ବିଜେପୁର ବ୍ଲକର ବିଭିନ୍ନ ଗ୍ରାମରେ ସ୍ଥାନୀୟ ନେତୃମଣ୍ଡଳୀଙ୍କ ନିର୍ବାଚନ ପ୍ରଚାରରେ ସାମିଲ ଥିଲେ।

# ଜ୍ୟୋତିନଗରରେ ନୂତନ ଟ୍ରାନ୍ସଫର୍ମର ଯୋଗାଇବା ପାଇଁ ଦାବି

**ପଦ୍ମପୁର, ୬।୫ (ସମିସ):** ପଦ୍ମପୁର ଏନ୍ ଏ ସି ଅନ୍ତର୍ଗତ ଜ୍ୟୋତିନଗର (ମାଷ୍ଟର କଲୋନୀ) ରେ ସବୁବେଳେ ଲୋ ଭୋଲଟେଜ୍ ସମସ୍ୟା ଲଗିରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ପଡ଼ାବାସୀ ଙ୍କ ପଙ୍ଖା, ଫ୍ରିଜ୍, କୁଲର, ଏସି ଠିକ୍ ଚାଲି ପାରୁନାହିଁ। ଯାହା ଫଳରେ ପଡ଼ାବାସୀ ବହୁତ ଅସୁବିଧାରେ ରହୁଛନ୍ତି। ଏନେଇ ଆଜି ବିଦ୍ୟାଧର ଦାଶଙ୍କ ନେତୃତ୍ୱରେ ପଡ଼ାବାସୀ ଆଜି ପଦ୍ମପୁର ଟିପିଡବ୍ଲୁଓଡିଏଲ୍ ସହକାରୀ ଯନ୍ତ୍ରୀ ଓ ସେକସନ ଅଧିକାରୀଙ୍କୁ ଦାବିପତ୍ର ଦେବା ସହିତ ତୁରନ୍ତ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ କରିବା ପାଇଁ ଦାବତ କରିଛନ୍ତି।

# ଗୌରହରି ସାହୁଙ୍କ ପରଲୋକ

**ବରଗଡ଼, ୬।୫ (ସମିସ):** ବରଗଡ଼ କୋଅପରେଟିଭ ଏଗ୍ରିକଲର ଡେପଲମେଣ୍ଟ ବ୍ୟାଙ୍କର ପୂର୍ବତନ ସେକ୍ରେଟେରୀ ଗୌରହରି ସାହୁଙ୍କ ସୋମବାର ପରଲୋକ ହୋଇଯାଇଛି।



ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହେଉଥିଲା। ସ୍ୱର୍ଗତ ସାହୁ କିଛି ଦିନ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଯାଇଛି। ସେ ତାଙ୍କ ପଛରେ ସ୍ତ୍ରୀ, ତିନି ପୁଅ ରୂପେଶ, ମହେଶ, ନରେଶ ଏବଂ ଝିଅ ତନୁଜା ତଥା ବୋହୂ, ଜ୍ୱାଇଁ, ନାତିନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ସୋମବାର ଅପରାହ୍ନରେ ସ୍ଥାନୀୟ ଜୀରା ନଦୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ରୂପେଶ ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିବା ବେଳେ ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ମିଶ୍ରଣ ପର୍ବ: ଶତାଧିକ ଯୁବକଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୬।୫(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ପୋଡ଼ପାଲି, ତାଲଶ୍ରିଗିଡା, ପପୁଁନ ସାହୁ, ରାହୁଲ ସାହୁ, ନୂଆ ଗୁଡେଶିରା ଗ୍ରାମର ଶକ୍ତି ମେହେର, ମହାନନ୍ଦ, ମୋହନ ସୁନା, ଭରତ ମହାନନ୍ଦ, ଦିନ ହିଆଲ, ଦଳ ହିଆଲ୍,



ଧର୍ମେନ୍ଦ୍ର ବାରିକ, ପ୍ରଶାନ୍ତ ଭୋସାଗର, ହରେକୃଷ୍ଣ ବାରିକ, ଖଗେଶ୍ୱର ମହାନନ୍ଦ ପ୍ରମୁଖ ବିଭିନ୍ନ ଦଳର ଯୁବକ ମାନେ ବିଜେଡିରେ ଯୋଗ ଦେଇ ଆଗାମୀ ଦିନରେ ବିଜେଡିକୁ ମଜବୁତ୍ କରିବା ପାଇଁ ସଂକଳ୍ପ ନେଇଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନେତା ସମ୍ବିତ ଆଚାର୍ଯ୍ୟ ଟାଉନ ସଭାପତି କିଶୋର ମିଶ୍ର



ନୂଆଗୁଡେଶିରା। ଗ୍ରାମର ବିଭିନ୍ନ ଦଳର ଶତାଧିକ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଛନ୍ତି। ବାଦଲ ସାହୁ, ତ୍ରିଲୋଚନ ଭୋଇ, ବିଶ୍ୱ ଦୂଆନ, ବାବଲୁ ବିଶ୍ୱାଳ, ରଜତ ବିଶ୍ୱାଳ, ଅମୃତ ସାହୁ, ଧର୍ମ ପଧାନ, କପିଳାସ ଥପା, ସୁବ୍ରତ ଗୁରୁ, ବିନୟ ସେଟ୍, ଚନ୍ଦନ ଗୁରୁ, ଶୟନ ଭୋଇ, ବାବୁଲାଲ ରଣା, ପ୍ରହ୍ଲାଦ ବାରିକ, ନିମାଇ ସାହୁ, ଆମ୍ବସଢା ଗ୍ରାମର ମୀନକେତନ ଭୋସାଗର, ଯାଦବ ବାରିକ, ପ୍ରଫୁଲ୍ଲ ବାରିକ, ନିର୍ମଳ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା କମଳ ତାଣ୍ଡି, ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ସ୍ୱା।ଗତ କରିଥଲେ।

# ସ୍ନେହାଙ୍ଗିନୀଙ୍କ ମାରାଥନ ପ୍ରଚାର

**ଭେଡେନ, ୬।୫ (ସମିସ):** ଆଗାମୀ ନିର୍ବାଚନ କିଛି ଦିନ ବାକିଅଛି ଏହାକୁ ଦେଖି ବିଭିନ୍ନ ରାଜନୈତିକ ଦଳ ନିଜ ନିଜ ଦଳର ପ୍ରଚାର ଜୋରଦାର ଆରମ୍ଭ କରିଥିବା ବେଳେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟିକା ସ୍ନେହାଙ୍ଗିନୀ ଛୁରୀଆ ମଧ୍ୟ ପ୍ରଚାରକୁ ଯୋରଦାର କରିଛନ୍ତି। ଏହି ଅବସରରେ ଭେଡେନ ବ୍ଲକ ଅନ୍ତର୍ଗତ ଅରେଇଗୁଡି, ସାଲେପାଲି, ଗୁଡୁରାମୁଣ୍ଡା, ବସେଇକେଲା ପ୍ରଭୃତି ଗ୍ରାମରେ ବ୍ୟାପକ ପ୍ରଚାର କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ବିକାଶ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଭେଡେନ ବ୍ଲକରେ ଓ ଅତାବିରା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ ହିଁ ଆମର ପରିଚୟ ବୋଲି ଉଲ୍ଲେଖ କରି ଆମ ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରେ ବୋଲି ଶ୍ରୀମତୀ ଛୁରୀଆ ପ୍ରକାଶ କରି ଡବଲ ଶଙ୍ଖରେ ଭୋଟ ଦେଇ ଆଶୀର୍ବାଦ ପ୍ରଦାନ କରିବାକୁ ନିବେଦନ କରିଥିଲେ।



# ବିଜେଡିରେ ମିଶିଲେ ଆଇନଜୀବୀ ସୁକୁମାର ସାହୁ



**ବରଗଡ଼, ୬।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ଜିଲ୍ଲା ଓକିଲ ସଂଘ ସହ ସମ୍ପାଦକ ସୁକୁମାର ସାହୁ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବରିଷ୍ଠ ନେତା ସମ୍ବିତ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଆଇନଜୀବୀ ଅନୁପ ସତପଥି, ଅନୁରାଧା ଅଗ୍ରୱାଲ, ବଦ୍ରି ନାରାୟଣ ମାହାନା ଓ ଶୟନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।ଶ୍ରୀ ସାହୁଙ୍କ ଯୋଗଦାନକୁ ବିଜେଡି ତରଫରୁ ସ୍ୱା।ଗତ କରାଯାଇଥିଲା।

# ୧୯୭ ବୋତଲ କଫସିରପ ଜବତ; ୨ ଗିରଫ

ଅମ୍ବାଭୋନା, ୬।୫(ସମିସ)

ଅବାଧ ନିଶା କାରବାର ଧରିବାରେ ଅମ୍ବାଭୋନା ପୁଲିସ ତରଫରୁ ପୁଣିଥରେ ତତ୍ପରତା ଦେଖିବାକୁ ମିଳିଛି। ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟ ଛକଠାରେ ମୁଖ୍ୟରାସ୍ତା ଉପରେ ପୁଲିସ ତରଫରୁ ପାଟ୍ରୋଲିଂ ଚାଲିଥିବା ବେଳେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରବିବାର ସକାଳ ୯ଟା ୧୫ ମିନିଟ ସମୟରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନାଧିକାରୀ ବିପିନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁଲିସ ତରଫରୁ ବରଗଡ଼ରୁ ଭୁକ୍ତା ଅଞ୍ଚଳକୁ ଏକ ବାଇକ ଯୋଗେ ବେଆଇନ କଫସିରପ ଚାଲାଣ ହେଉଥିବା



ବେଳେ ପୁଲିସ ପଞ୍ଝାରେ ଦୁଇ ଜଣ କଫସିରପ ଚାଲାଣକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ ବରଗଡ଼ ୱାର୍ଡ ନଂ ୪ ତଲିପଡ଼ାର ଅଶୋକ ବେହେରା (୩୬) ଏବଂ ୱାର୍ଡ ନଂ ୭ ନୂଆପଡ଼ାର ରାଜେଶ ବାରିକ(୨୪)। ଅମ୍ବାଭୋନା ପୁଲିସ ସେମାନଙ୍କ ଠାରୁ ୧୯୭ଟି ଠିପି ବନ୍ଦ କଫସିରପ, ୧୫ଟି ଅପମିଶ୍ରିତ ଠିପି ଖୋଲା କଫସିରପ, ୩୦ଗୋଟି ଆଲପ୍ରାଓଇନ ଟାବଲେଟ, ଏକ ରେଡମି ମୋବାଇଲ ଫୋନ, ଏବଂ ଏକ ହିରୋ ଏଚ.ଏଫ.ଡିଲକ୍ସ ମୋଟର ସାଇକେଲ ଜବତ କରିଛି। ଏ ନେଇ ଅମ୍ବାଭୋନା ଥାନା କେଶ ନଂ -୯୫ /୨୦୨୪ ଆଇ.ପି.ସି.ଧାରା ୨୭୪, ୨୭୫, ୧୨୦-ବି ରେ ମାମଲା ରୁଜୁ କରି ଆସାମୀଦ୍ୱୟଙ୍କୁ ଗିରଫ ଦର୍ଶାଇ ସୋମବାର କୋର୍ଟ ଚାଲାଣ କରିଥିବା ଅମ୍ବାଭୋନା ପୁଲିସ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୀମାନ୍ତ ଅମ୍ବାଭୋନା ଅଞ୍ଚଳରେ ପୁଲିସର ଅବାଧ ନିଶା କାରବାର ନିୟନ୍ତ୍ରଣ ଉପରେ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ଆପ୍‌ର ସଂକଳ୍ପପତ୍ର ଉନ୍ମୋଚିତ




**ବରଗଡ଼, ୬।୫(ସମିସ):** ସୋମବାର ଆମ୍ ଆଦମୀ ପାର୍ଟି ତରଫରୁ ବରଗଡ଼ରେ ଏକ ସଂକଳ୍ପ ପତ୍ର ଉନ୍ମୋଚିତ ହୋଇଯାଇଛି। ଏଥିରେ ସମସ୍ତଙ୍କୁ ୨୦୦ ୟୁନିଟ ବିଜୁଳି ଫ୍ରି, ୩୦୦୦ ଟଙ୍କା ଭତ୍ତା, ଶିଳ୍ପ ସଂସ୍ଥାର ପୁନଃରୁଦ୍ଧାର ଓ ନିଯୁକ୍ତି ଉପରେ ବିଶେଷ ଭାବରେ ଫୋକସ କରାଯାଇଛି। ଚଳିତ ଥର ବରଗଡ଼ ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥି ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ତାଙ୍କ ସଂକଳ୍ପପତ୍ରରେ ଉନ୍ନତ ମାନର ଶିକ୍ଷା, ସ୍ୱାସ୍ଥ୍ୟ, ୨୦୦ ୟୁନିଟ ଫ୍ରି ବିଜୁଳି, ସ୍ଥାନୀୟ ନିଯୁକ୍ତି, ଚାଷୀ, ମହିଳା, ଶ୍ରମିକ ମାନଙ୍କ ମୁଦ୍ଦା ଆଦି ଉଲ୍ଲେଖିତ ରହିଛି। ଏ ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆବାହକ ଭବାନୀ ସାହୁ, ସ୍ୱରୂପ ଭୋଇ, ଅବିନାଶ ବାଗ, ଅସିତ ସାହୁ, ମାରିୟମ ବାର୍ଲାଙ୍କ ସମେତ ଆପର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସକାଳ THE SAKALA



# ବରଗଡ଼ ଜିଲ୍ଲାରେ ଏନ୍‌ଟିଏ ନିଟ୍ ପରୀକ୍ଷା ସଫଳ ରୂପାୟନ

ବରଗଡ଼, ୬।୫(ସମିସ)

ଗତ କାଲି ସହରର ବିଭିନ୍ନ ସରକାରୀ ତଥା ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୭୭୬ ଜଣ ଛାତ୍ରଛାତ୍ରୀ ଏନ୍‌ଟିଏ ନିଟ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷା ନିମନ୍ତେ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ରୋଟାରୀ ପବ୍ଲିକ୍ ସ୍କୁଲ୍, ବିଦ୍ୟାସାଗର ଏକାଡେମୀ ପରୀକ୍ଷା କେନ୍ଦ୍ର ଭାବରେ ଚୟନ ହୋଇଥିବା ବେଳେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏନ୍‌ଟିଏ ସିଟି କୋଅର୍ଡିନେଟର୍ ରୂପେ ଏହି ପରୀକ୍ଷାର ପରିଚାଳନା କରିଥିଲେ। ଏହି ପରୀକ୍ଷାର ସଫଳ ରୂପାୟନ ନିମନ୍ତେ ଶ୍ରୀ ରାଉଳଙ୍କ ତତ୍ୱାବଧାନରେ ବରାହଗୁଡ଼ା ସ୍ଥିତ କ୍ରିଷ୍ଣା ବିକାଶର କନ୍‌ଫରେନ୍ସ ହଲ୍‌ରେ ପରୀକ୍ଷାର ସମସ୍ତ କାର୍ଯ୍ୟକର୍ତାଙ୍କୁ ନେଇ ଗତ ୪ ମଇ ୨୦୨୪ରେ ଏକ ପ୍ରାକ୍ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ରଏ, ରୋଟାରୀ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର, ବିଦ୍ୟାସାଗର ଏକାଡେମୀର ଅଧ୍ୟକ୍ଷ ସବିତାପ୍ରଭା ସାହୁ ପ୍ରମୁଖ ପରୀକ୍ଷା କେନ୍ଦ୍ରମାନଙ୍କରେ ସୁପରିଣ୍ଟେଡେଣ୍ଟ୍ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା କେନ୍ଦ୍ରରେ ବିଦ୍ୟାଳୟ ମ୍ୟାନେଜ୍‌ମେଣ୍ଟଙ୍କ ଦ୍ୱାରା ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ନିମନ୍ତେ ପାନୀୟ ଜଳ ତଥା ବିଶ୍ରାମ ସ୍ଥାନର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହଯୋଗ ପ୍ରଶଂସନୀୟ ଥିଲା। ଏନ୍‌ଟିଏ ନିଟ୍ ଭଳି ଏକ ଜାତୀୟସ୍ତରର ମହତ୍ୱପୂର୍ଣ୍ଣ ପରୀକ୍ଷାର ସଫଳତାପୂର୍ବକ ପରିସମାପ୍ତି ହୋଇଥିବାରୁ ସିଟି କୋଅର୍ଡିନେଟର୍ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଜ୍ଞାପନ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଡି.ମୁରଲୀ କ୍ରିଷ୍ଣା ନିଟ୍ ୨୦୨୪ ପରୀକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।



## ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ

# ବିଏସ୍‌ପିର ନାମାଙ୍କନ ଦାଖଲ

**ରେଢ଼ାଖୋଲ, ୬।୫(ସମିସ):** ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ବିଧାନସଭା ପ୍ରାର୍ଥୀ ପ୍ରଭାକର ରଞ୍ଜିତ ନିଜର ସମର୍ଥକ ମାନଙ୍କୁ ନେଇ ଆମ୍ବେଦକର ନଗର ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଠାରେ ୨ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ସମ୍ବଲପୁର ଜିଲ୍ଲା ବିଏସ୍‌ପି ଉପସଭାପତି ରିଜୱାନ ଖାନ, ନଗର ବିଏସ୍‌ପି ସଭାପତି ରାଜ କୁମାର ତାଣ୍ଡି, ଯୁଯୁମୁରା ବ୍ଲକ ବିଏସପି ସଭାପତି ନାଥନ ଦାଣ୍ଡିଆ, ମାନେଶ୍ୱର ବ୍ଲକ ବିଏସପି ସଭାପତି ପର୍ଶୁରାମ ଭରତ ସାଗର, ନାକଟିଦେଉଳ ବ୍ଲକ ବିଏସପି ସଭାପତି ମିଥୁ ନାଗ, ଉପସଭାପତି ଦାମୋଦର ବେହେରା, ସାମାଜିକ କର୍ମୀ ସଞ୍ଜୟ ସାଗର, କୁମାର୍ ଉର୍ମା ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଏସ୍‌ପି ଦଳୀୟ ସକ୍ରିୟ କର୍ମୀ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ସେହିପରି ଆଜି ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ରହିଥିବା ବେଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ଭାବରେ ୭ ଜଣ ବିଧାନସଭା ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ବିଜେଡ଼ି ପକ୍ଷରୁ ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବିଜେପି ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ଦେବେନ୍ଦ୍ର ମହାପାତ୍ର, କଂଗ୍ରେସ ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ଆସଫ ଅଲ୍ଲୀ ଖାନ୍, ବିଏସପି ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ପ୍ରଭାକର ରଞ୍ଜିତ, କଳିଙ୍ଗ ସେନା ପକ୍ଷରୁ ବିଧାନସଭା ପ୍ରାର୍ଥୀ ମନୋଜ କୁମାର ମିଶ୍ର, ସ୍ୱାଧୀନ ବିଧାନସଭା ପ୍ରାର୍ଥୀ ଭାବରେ ସଞ୍ଜିତ ବବୋଙ୍ଗା, ସ୍ୱାଧୀନ ବିଧାନସଭା ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ରଶ୍ମି ରଞ୍ଜନ ମହନ୍ତଙ୍କ ଠାରେ ନିଜର ସମସ୍ତ ପ୍ରକାର ପ୍ରମାଣ ପତ୍ର ଦେଇ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ନିର୍ବାଚନ ସମ୍ପର୍କିତ ଆପତ୍ତି, ଅଭିଯୋଗ ପାଇଁ ମୋବାଇଲ୍ ନମ୍ବର୍ ଜାରି

ଦେବଗଡ଼, ୬।୫(ସମିସ): ଦେବଗଡ଼ ଜିଲ୍ଲାରେ ୨୫ରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳା ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଦେବଗଡ଼ରେ ଭାରତୀୟ ନିର୍ବାଚନ ଆୟୁକ୍ତ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସୁରେଶ ଓଲା ନିର୍ବାଚନ ବ୍ୟବସ୍ଥା ତଦାରଖ କରୁଛନ୍ତି। ତେବେ ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ଶ୍ରୀ ଓଲା ମୋବାଇଲ୍ ନମ୍ବର ୮୪୮୦୨୮୬୭୬୪ ଜାରି କରିଛନ୍ତି। ଲୋକେ ଏହି ନମ୍ବରରେ ଆପତ୍ତି, ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି।

## ୧ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

**କୁଚିଣ୍ଡା, ୬।୫(ସମିସ):** ରବିବାର ସନ୍ଧ୍ୟାରେ ଜମନକିରା ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ଏକ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରିଛନ୍ତି। ଜମନକିରା ଥାନା ଅନ୍ତର୍ଗତ ବଡ଼ରମା ଜଙ୍ଗଲ ଭିତରେ ପ୍ରାୟ ଏକ କ୍ୱିଣ୍ଟାଲ ମହୁଲପୋଚ ଠାବ କରି ଜମନକିରା ପୁଲିସ ଓ ଅବକାରୀ ବିଭାଗ ନଷ୍ଟ କରିଦେଇଥିଲେ।

## ଚାଉଁରପୁର ବ୍ରିଜରେ ଦୁର୍ଘଟଣା

**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ସହର ସ୍ଥିତ ଚାଉଁରପୁର ଓଭରବ୍ରିଜରେ ଆଜି ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।ଆହତ ମାନଙ୍କୁ ପୁଲିସ ଡାକ୍ତରଖାନା ପଠାଇଛି। ସନ୍ଧ୍ୟା ସମୟରେ ବ୍ରିଜରେ ଲୋକମାନେ ଚାଲୁଥିଲେ। ଏହି ସମୟରେ ଦୁଇ ଗାଡ଼ି ମଧ୍ୟରେ ଦୁର୍ଘଟଣା ଘଟିଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପ୍ରାର୍ଥୀଙ୍କ ସହ ଆଲୋଚନା କଲେ ସାଧାରଣ ପର୍ଯ୍ୟବେକ୍ଷକ

**ଝାରସୁଗୁଡ଼ା, ୬।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ସକାଶେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ଲାଗି ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଜେ. ମଞ୍ଜୁନାଥ ନିୟୋଜିତ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ଜିଲ୍ଲାର ଦୁଇ ନିର୍ବାଚନ ମଣ୍ଡଳୀ (ଝାରସୁଗୁଡ଼ା ଓ ବ୍ରଜରାଜନଗର)ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନରେ ବିଶୃଙ୍ଖଳା ସୃଷ୍ଟିକାରୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦେଇଛନ୍ତି। ଗଣତନ୍ତ୍ରର ପର୍ବ ନିର୍ବାଚନର ସଫଳ ପରିଚାଳନା ପାଇଁ ଆଦର୍ଶ ଆଚରଣବିଧିର ଅନୁପାଳନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ତାଙ୍କ ମୋବାଇଲ ନମ୍ବର ୯୪୩୭୮୧୧୯୫୩ରେ ଲୋକେ ଯୋଗାଯୋଗ କରିପାରିବ ବୋଲି ସେ ବୈଠକରେ କହିଛନ୍ତି। ଏଥିରେ ଉପସ୍ଥିତ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେ ମତଦାନ କେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା ସହ ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଦିବ୍ୟାଙ୍ଗଙ୍କ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲଙ୍କ ସମେତ ବିଭିନ୍ନ ଦଳୀୟ ଓ ନିର୍ଦ୍ଦଳୀୟ ପ୍ରାର୍ଥୀ, ସେମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।



## ବିଜେପିରୁ ରବି ନାରାୟଣ ନାଏକଙ୍କ ନାମାଙ୍କନପତ୍ର ଦାଖଲ

**କୁଚିଣ୍ଡା, ୬।୫(ସମିସ):** ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖରେ କୁଚିଣ୍ଡା ବିଜେପି ପକ୍ଷରୁ ବିରାଟ ଶୋଭାଯାତ୍ରା ସହ ୭୨ଟି ସାଂସ୍କୃତିକ ଦଳକୁ ନେଇ ଶକ୍ତି ପ୍ରଦର୍ଶନ କରିବା ସହ ପୁଣିଥରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ରବି ନାରାୟଣ ନାଏକ। ଏହି ଅବସରରେ ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, କଂଗ୍ରେସରୁ ନୂତନ ଭାବେ ବିଜେପିରେ ଯୋଗ ଦେଇଥିବା ଦୁଲାଲ ଚନ୍ଦ୍ର ପ୍ରଧାନ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ ପ୍ରମୁଖ ଏକ ସୁସଜ୍ଜିତ ରଥ ଉପରେ ସମଲେଇ ମନ୍ଦିର ନିକଟସ୍ଥ ସଭାସ୍ଥଳରୁ ଏକ ପଟୁଆରରେ ବାହାରି ସହର ପରିକ୍ରମା କରିବା ସହ କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ହେମସାଗର ଭୋଇଙ୍କ ଠାରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ରଞ୍ଜନ କୁମାର ମହାପାତ୍ର, ବରିଷ୍ଠ ଓକିଲ ଶୈଳେନ୍ଦ୍ର ନାୟକ ଓକିଲ ଟୁଲୁ ଦଶଭାୟା, ରାଣା ପ୍ରତାପ ସିଂ, ଅରୁଣ ଅଗ୍ରୱାଲ, ରଞ୍ଜନ ଶର୍ମା, ଦୁଷ୍ମନ୍ତ ନାୟକ, ସୁଶୀଲ ନାୟକ, ରଞ୍ଜିତ ଶର୍ମା, ପ୍ରାଣବନ୍ଧୁ ନାଥ, ମହେଶ ରାୟ ପ୍ରମୁଖଙ୍କ ସମେତ ବହୁ କର୍ମୀ ପଦାଧିକାରୀ ସାମିଲ ଥିଲେ।

# ବିଜେପି ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏଙ୍କ ପ୍ରଚାର ଜୋରଦାର



**ପଦ୍ମପୁର, ୬।୫ (ସମିସ):** ପଦ୍ମପୁର ବିଜେପି ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ପ୍ରଚାରକୁ ଜୋରଦାର କରିଛନ୍ତି। ପଦ୍ମପୁର ବ୍ଲକର ଯମଲା, ପାଇକମାଲ ବ୍ଲକର ଝାରମୁଣ୍ଡା, କେଛୋମାଲ, ଛେଲିଆମାଲ, ନୂଆଗାଁ, ହୀରାପୁର, ଚୁହାପାଲି, ମାଣ୍ଡିଆଢିପା, କେନାବୁଦା ଗ୍ରାମରେ ଘରକୁ ଘର ଯାଇ ଭୋଟରଙ୍କୁ ଭେଟି ସ୍ୱଚ୍ଛ ସୁଶାସନ ଉତ୍ତରଦାୟୀ ସରକାର ଗଠନ ପାଇଁ ତୃତୀୟଥର ପାଇଁ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ମଣ୍ଡଳ ସଭାପତି ଭିଷ୍ମଦେବ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ସୁରଭି ବରିହା, ପୁରନ୍ଦର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ବଳରାମ ସାହୁ, ଅଜିତ ସାହୁ, ପୂର୍ବତନ ସରପଞ୍ଚ ବାବୁଲାଲ ଧରୁଆ, ବଳରାମ ବନଛୋର ପ୍ରମୁଖ ସାମିଲ ହୋଇଥିଲେ।

## ଗାଁମୁହାଁ ନେତା, ନବୀନଙ୍କ ନାମ ଶୁଣି ଉତ୍ସାହିତ ଜନତା



**ତୁରେକେଲା, ୬।୫ (ସମିସ):** କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଜମୁଛି ପ୍ରଚାର ମୌଦାନ। ଗାଁ ମୁହାଁ ନେତା, ନବୀନଙ୍କ ନା ଶୁଣି ଉତ୍ସାହ ଜନତା ଏହି ଭଳି ଚିତ୍ର ଦେଖିବାକୁ ମିଳିଛି ତୁରେକେଲା ବ୍ଲକରେ। ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ତୁରେକେଲା ବ୍ଲକ ଅଧୀନ ଗଞ୍ଜାଉଡ଼ା, ବୁଢୀପଦର, ରାମୁଡ଼, ଝରଣୀ ଗାଁ ରେ କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟ କରିବା ଅନୁରୋଧ କରିଥିଲେ ବିଜେଡି ନେତା ଓ ନେତ୍ରୀ। ବୈଠକରେ ନବୀନ ସରକାର ଜନ୍ମରୁ ମୃତ୍ୟୁ ଯାଏଁ କରିଥିବା ବହୁ ମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କୁ କଣ୍ଟାବାଞ୍ଜିରୁ ବିଧାୟକ କରି ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବୁ ବୋଲି ଉପସ୍ଥିତ ଜନସାଧାରଣ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ସହ ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତରାୟ, କୃଷ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ସେଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ୍ଲା ଖାନ, ବିଶ୍ୱନାଥ ସାହୁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ଶ୍ରୀଧର ମାଝୀ, ଲକ୍ଷ୍ମଣ ପୁଟେଲ, ଘନଶ୍ୟାମ ଧରୁଆ ଉପସ୍ଥିତ ରହି ୨ଟି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ସରିଲା ନାମାଙ୍କନପତ୍ର ଦାଖଲ

**ଦେବଗଡ଼, ୬।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସରେ ଦେବଗଡ଼ ବିଧାନସଭା ଆସନ ପାଇଁ ୪ ସ୍ୱାଧୀନ ପ୍ରାର୍ଥୀ ସମେତ ୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡିରୁ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କଂଗ୍ରେସରୁ ସେମ ହେମ୍ବ୍ରାମ, ବିଜେପିରୁ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବହୁଜନ ସମାଜ ପାର୍ଟିରୁ ନିରାକାର ପ୍ରଧାନ, ପ୍ରାଉଟିଷ୍ଟ ବ୍ଲକ ଅଫ ଇଣ୍ଡିଆ ପକ୍ଷରୁ ଡୋଳାକାର ଭୋଇ ପ୍ରାର୍‌ଠିଥପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀ ଭାବେ ଶ୍ରୀମନ୍ତ ସାହୁ, ପ୍ରମୋଦ ଝାଙ୍କର, ସୁଲେମାନ ଲକଡା ଓ ଜୁଲିଆନ ଲାକ୍ରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।









# ୨୦୫ ଲିଟର ମଦ ଜବତ; ୪ ଗିରଫ

**ବଲାଙ୍ଗିର, ୬।୫(ସମିସ):** ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କାରବାର ଉପରେ ନିୟମିତ ଚଢ଼ଉ ଜାରିରହିଛି। ଏହିକ୍ରମରେ ସୋମବାର ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରାୟ ୨ଶହ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଜଣେ ମହିଳାଙ୍କ ସମେତ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବେଆଇନ ମଦ କାରବାର ବଲାଙ୍ଗିର ଜିଲ୍ଲାରେ ଦିନକୁଦିନ ବଢ଼ିବାରେ ଲାଗିଥିବା ବେଳେ ଏହାକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି। ସୋମବାର ବେଆଇନ ମଦ କାରବାର ଅଭିଯୋଗରେ ଉକ୍ତ ଅବକାରୀ ଟିମ୍ ବାନ୍ଧନଘୋରରେ ଚଢ଼ଉ କରି ୧୯୦ ଲିଟର ମଦ ଜବତ କରିବା ସହ ଝସକେତନ ମେହେର ଓ କେତକୀ ମେହେରଙ୍କୁ ଗିରଫ କରିଥିଲା। ସେହିପରି ଗେଡ଼ାବାଞ୍ଜି ଛକ ଠାରେ ପ୍ରଦୀପ ଛତ୍ରିଆଙ୍କୁ ୧୦ ଲିଟର ମଦ ଓ ଦୁଆନପାଲି ଠାରେ ୧୫ ଲିଟର ରନ୍ଧାମଦ ସହ ଆନନ୍ଦ ବେହେରାକୁ ଗିରଫ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପୂର୍ବତନ ବିଜେପି ସମିତି ସଭ୍ୟଙ୍କ ସହ ୧୫ଜଣ ବିଜେଡିରେ




**ପାଟଣାଗଡ଼, ୬।୫(ସମିସ):** ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତର ବିଜେପିର ପୂର୍ବତନ ସମିତି ସଭ୍ୟ ସତ୍ୟନାଗଙ୍କ ସହ ୧୫ ଜଣ ଆଜି ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ବିଧାୟକ ସରୋଜ ମେହେରଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେପି ଛାଡି ବିଧିବଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ସରୋଜ ମେହେର ସେମାନଙ୍କୁ ଦଳୀୟଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣପର୍ବରେ ବିଧାୟକଙ୍କ ସହ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ବିଧାୟକ ନୋମିନି ହିମାଞ୍ଚଳ ପଧାନ, ଏନ୍‌ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ ମେହେରଙ୍କ ସହ ବିଜେଡିର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏକକାଳୀନ ଶହେଟଙ୍କା ମଜୁରି ବୃଦ୍ଧି କରି ଇତିହାସ ରଚିଲା ଓଡ଼ିଶା

କଣ୍ଟାବାଞ୍ଜି, ୬।୫(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକକାଳୀନ ଦୈନିକ ମଜୁରି ୧୦୦ ଟଙ୍କା ବୃଦ୍ଧି କରି ଇତିହାସ ରଚିଛନ୍ତି ବୋଲି ସୋମବାର ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଜିଆର୍ ଭବନଠାରେ ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା

**ଶ୍ରମିକ ପରିବାରଙ୍କୁ ବଡ଼ ସୁରକ୍ଷା ପ୍ରଦାନ କରିଛି ବିଜୁ ଶ୍ରମିକ ସାମୁଖ୍ୟ**

ସମ୍ମିଳନୀରେ ବିଜୁଶ୍ରମିକ ସାମୁଖ୍ୟର ମହାସଚିବ ତଥା କଟକ ମେୟର ସୁବାସ ସିଂ କହିଛନ୍ତି। ଦୈନିକ ମଜୁରି ଓଡ଼ିଶାରେ ୩୪୬ ଟଙ୍କାରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧିକରି ମୁଖ୍ୟମନ୍ତ୍ରୀ ସରକାରୀ, ଅର୍ଦ୍ଧସରକାରୀ ଓ ଶିଳ୍ପ ସଂସ୍ଥା, ଘରୋଇ କାର୍ଯ୍ୟ ଏବଂ ସବୁସ୍ତରରେ ପ୍ରାୟ ଏକ କୋଟି ଶ୍ରମିକ ଏହି ମଜୁରି ବୃଦ୍ଧିରେ ଉପକୃତ ହେବେ। ବିଶେଷ କରି ମ୍ୟୁସିପାଲିଟିର କାର୍ଯ୍ୟରତ ଶ୍ରମିକ, ବିଦ୍ୟୁତ ବିଭାଗ ଶ୍ରମିକ, ପରିବହନ ବିଭାଗର କାର୍ଯ୍ୟରତ ଶ୍ରମିକ, ବିଭିନ୍ନ କମ୍ପାନୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ଏହାଦ୍ୱାରା ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା ରାଜ୍ୟ ତମାମ ରୁପାନ୍ତରୀକରଣ, ଶିଳ୍ପ ବିକାଶ ଧାରାରେ ଶ୍ରମିକ ମାନଙ୍କର ଭୂମିକା ସବୁଠୁ ପ୍ରଶଂସନୀୟ। ସେମାନଙ୍କ ମଜୁରି ଓ ସାମାଜିକ ସୁରକ୍ଷା ଯୋଗାଇବା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମା' ମାନଙ୍କ ପାଇଁ ୧୦ ଲକ୍ଷ ଏବଂ ସମ୍ପୂର୍ଣ୍ଣ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଶ୍ରମିକ ଶ୍ରେଣୀର ଲୋକ ମାନଙ୍କ ପାଇଁ ଏକ ବଡ଼ ସୁରକ୍ଷା ପ୍ରଦାନ କରିପାରିଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସମଗ୍ର ରାଜ୍ୟରେ ଆଜି ଶୁଦ୍ଧା ୪୨ ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇପାରିଛି। କେନ୍ଦୁପତ୍ର ତୋଳାଳୀ ଓ ବୁଣାକାରମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯାଇଛି। କଣ୍ଟାବାଞ୍ଜି ତଥା ବଲାଙ୍ଗିରରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ ସ୍ୱତନ୍ତ୍ର ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଯାହା ଫଳରେ ସେମାନେ ବାହାର ରାଜ୍ୟରେ କାମକଲେ ଉପଯୁକ୍ତ ମଜୁରୀ ପାଇପାରିବେ। ବାହାର ଦେଶରେ କାର୍ଯ୍ୟରତ ଶ୍ରମିକ ମାନେ ନିଜ ନିଜ ଘରୁ ଫେରିବା ପାଇଁ ସ୍ୱତନ୍ତ୍ର ଉଡାଜାହାଜର ବ୍ୟବସ୍ଥା ସୁଲଭ ମୂଲ୍ୟରେ କରି ମୁଖ୍ୟମନ୍ତ୍ରୀ ଇତିହାସ ରଚିଛନ୍ତ। ଜିଲ୍ଲା ସଭାପତି ଲୋଟସ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କଣ୍ଟାବାଞ୍ଜି ବିଜୁ ଜନତା ଦଳ ସହ ସଂଯୋଜକ ଦୁର୍ଗା ପ୍ରଶାଦ ସାମନ୍ତରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ଶ୍ରମିକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଚିନ୍ତିତ ବୋଲି ପ୍ରକାସ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଯୋଡ଼ି ଶଙ୍ଖରେ ମୋହର ମାରି ବହୁ ବ୍ୟବଧାନରେ ବିଜୟୀ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ଜିଲ୍ଲା ପରିଷଦ ମିଥିଳା ମାଝୀ, ବିଜେଡି ନେତୋ ଅଜୟ ଦାସ, ଗିରିରାଜ ସିଂହ ମାଝୀ, ଫିରୋଜ ଖାଁ, ହଂସରାଜ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।



# ପୃଥକ୍ ସ୍ଥାନରୁ ୮ ଲକ୍ଷ ୧୫ ହଜାର ଟଙ୍କା ଜବତ



**ବ୍ରଜରାଜନଗର, ୬।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ବରଘାଟ ବ୍ରିଜ୍ ନିକଟରେ ଆଜି ଯାନବାହନ ଯାଞ୍ଚ ସମୟରେ ୬ ଲକ୍ଷ ଟଙ୍କା ଜବତ କରିଥିଲା ବ୍ରଜରାଜନଗର ଥାନା ପୁଲିସ। ଝାରସୁଗୁଡ଼ାରୁ ବ୍ରଜରାଜନଗର ପଟକୁ ଆସୁଥିବାବେଳେ ଗୋଟିଏ କାର୍‌ରୁ ୬ ଲକ୍ଷ ଟଙ୍କା ଜବତ ହୋଇଥିଲା। ବ୍ରଜରାଜନଗର ଅଞ୍ଚଳର ସୁରେଶ କଣ୍ଡା ନିଜ କାର୍‌ରେ ୬ ଲକ୍ଷ ଟଙ୍କା ଆଣୁଥିବାବେଳେ ଯାଞ୍ଚ କରି ପୁଲିସ ଉକ୍ତ ଟଙ୍କା ଜବତ କରିଥିଲା। ସେହିପରି ଛତିଶଗଡ଼ ଓଡ଼ିଶା ବୋର୍ଡର ଲାରାଠାରେ ବଳରାମ ସିଂହ ଠାକୁରଙ୍କ ପାଖରୁ ୨ ଲକ୍ଷ ୧୫ ହଜାର ୨ଶହ ୩୦ ଟଙ୍କା ଜବତ କରିଛି ପୁଲିସ। ଦୁଇଟି ସ୍ଥାନରୁ ୮ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଛି ପୁଲିସ।

### ଆନ୍ତଃଜିଲ୍ଲା ପେନ୍‌ଚାକ୍ ସିଲାଟ ଚାମ୍ପିଅନସିପ୍

# ୧୪ ଜିଲ୍ଲାରୁ ୧୮୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ଝାରସୁଗୁଡ଼ା, ୬।୫(ସମିସ)

୭ମ ଆନ୍ତଃଜିଲ୍ଲା ପେନଚାକ୍ ସିଲାଟ ସିନିୟର ଚାମ୍ପିଅନସିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ଝାରସୁଗୁଡା, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଯାଜପୁର, ନବରଙ୍ଗପୁର, ଖୋର୍ଦ୍ଧା, ଭୁବନେଶ୍ୱର, ଗଞ୍ଜାମ, ମୟୂରଭଞ୍ଜ, କଟକ, ଢେଙ୍କାନାଳ, କୋରାପୁଟ, ଅନୁଗୁଳ ଆଦି ଜିଲ୍ଲାର ପ୍ରାୟ ୧୮୦ ଖେଳାଳି ୩୨ଟି ବିଭାଗରେ ଅଂଶ କରିଛନ୍ତି। ଏହି ପ୍ରତିଯୋଗିତାକୁ ପରିଚାଳନା ପାଇଁ ୨୫ ଜଣ ରେଫରି ଓ ଖେଳାଳି ମନୋୟନ ପାଇଁ ୮ ଜଣ ସଭ୍ୟ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ




ଅତିଥି ଭାବରେ ହକି ଆସୋସିଏସନ ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି ଓ ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏସନ୍ ରାଜ୍ୟ ସଭାପତି ତାପସ ରାୟ ଚୌଧୁରୀ, ରାଜ୍ୟ ଉପ-ସଭାପତି ମନୋରଞ୍ଜନ ଭଞ୍ଜ ଓ ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ମହେତାପ ଖାଁନ ଯୋଗ ଦେଇଥିଲେ। ପେନ୍‌ଚାକ ସିଲାଟ ଆସୋସିଏସନ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗିତାରୁ ୬୪ଜଣ ସଫଳ ପ୍ରତିଯୋଗୀ ଜୁନ୍ ୧୦ ତାରିଖରୁ ୧୩ ପର୍ଯ୍ୟନ୍ତ ଭୁବନେଶ୍ୱରର କିଟ୍ ଠାରେ ହେବାକୁ ଥିବା ଆନ୍ତଃରାଜ୍ୟ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ଓଡିଆ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏନେଇ ପେନ୍‌ଚାକ୍ ସିଲାଟ ଆସୋସିଏସନର ସମ୍ପାଦକ ପ୍ରେମସିଂହ ଥାପା ସୂଚନା ଦେଇଛନ୍ତି।

## ଝାରସୁଗୁଡ଼ାରେ ଓହ୍ଲାଇଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

**ଝାରସୁଗୁଡ଼ା, ୬।୫(ସମିସ):** ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର କାଳବୈଶାଖୀ ଯୋଗୁଁ ଭୁବନେଶ୍ୱରରେ ଓହ୍ଲାଇ ନ ପରି ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଖଡ଼ିଆଳର ଏକ ନିର୍ବାଚନୀସଭାରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଭୁବନେଶ୍ୱର ଫେରିବା ସମୟରେ ଭୁବନେଶ୍ୱରରେ କାଳବୈଶାଖୀ ହେଉଥିବାରୁ ହେଲିକପ୍ଟରଟି ସେଠାରେ ଅବତରଣ କରିପାରି ନ ଥିଲା। ହେଲିକପ୍ଟରଟି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅପରାହ୍ନ ୪.୪ରେ ଅବତରଣ କରିବାପରେ ୪.୪୯ ମିନିଟ୍‌ରେ ଭୁବନେଶ୍ୱର ଯାତ୍ରା କରିଥିଲା।

## ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

**ବ୍ରଜରାଜନଗର, ୬।୫(ସମିସ):** ବ୍ରଜରାଜନଗର ଥାନା ଅଞ୍ଚଳ ଇବ୍ ବ୍ରିଜ ନିକଟରେ ରହୁଥିବା ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଢେଙ୍କାନାଳ ଅଞ୍ଚଳର ଇବ୍ ବ୍ରିଜ ନିକଟରେ ରହୁଥିବା ଜଣେ ଯୁବକଙ୍କର ବ୍ରଜରାଜନଗର ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏକ ବର୍ଷ ହେବ ଯୁବକ ଜଣକ ଯୁବତୀଙ୍କୁ ବାହା ହେବାକୁ କହି ପ୍ରତାରଣା କରୁଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସୋମବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଝାରସୁଗୁଡା ଜିଲ୍ଲା କୋର୍ଟ ଚାଲାଣ କରିଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ବିଜେଡିର ମିଶ୍ରଣ ପର୍ବ ଓ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୬।୫(ସମିସ):** ବେଲପାହାଡ଼ସ୍ଥ ଏକ ଘରୋଇ ହୋଟେଲ ଓ ଗୁମାଡେରା ଠାରେ ମିଶ୍ରଣ ପର୍ବ ଓ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବ୍ରଜରାଜନଗର ବିଧାୟିକା ପ୍ରାର୍ଥୀ ଅଲକା ମହାନ୍ତି ଏକ ଘରୋଇ ହୋଟେଲଠାରେ ନୂତନ ଯୁବ ଭୋଟରମାନଙ୍କୁ ବିଜୁ ଜନତା ଦଳରେ ସାମିଲ କରିଥିଲେ। ଏହି ମିଶ୍ରଣ ପର୍ବ ରେ ୨୦ ରୁ ଅଧିକ ଯୁବ ଭୋଟର ଯୋଗଦେଇଥିଲେ। ପରେ ଗୁମାଡେରା ଠାରେ ବିଜୁ ଜନତା ଦଳର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ଭୁ ମହାନ୍ତି, ଗୁଣପତି, ଦେବୀମିଶ୍ର, ଶ୍ୟାମସୁନ୍ଦର ଶତପଥୀ, ରାଜେଶ ଭୋଇ, ରୀନା ସୁନା, ଅନୁପମା ଭାଇଁସା, ପର୍ଶୁରାମ ସାହୁ, କିଶୋର ଦାସ, ରତ୍ନା ବିଶ୍ୱାସ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ସିଏଲ୍ ଇବ୍‌ଭ୍ୟାଲି ଏରିଆ ଜିଏମ୍ ଅଫିସ ନିକଟରେ ଜଳଛତ୍ର

**ବ୍ରଜରାଜନଗର, ୬।୫(ସମିସ):** ଏମ୍‌ସିଏଲ୍ ଇବ୍ ଭେଲି ଓ ଏକତା ମହିଳା ମଣ୍ଡଳ ବ୍ରଜରାଜନଗର ତରଫରୁ ବ୍ରଜରାଜନଗର ଏମ୍‌ସିଏଲ ଇବ୍ ଭେଲି ଏରିଆ ଜିଏମ୍ ଅଫିସ ନିକଟରେ ଜନ ସାଧାରଣଙ୍କ ପାଇଁ ଜଳଛତ୍ର ଆରମ୍ଭ କରାଯାଇଛି। ଇବ୍ ଭେଲି ଏରିଆ ଜେନେରାଲ ମ୍ୟାନେଜର ଏକେ ପାଣ୍ଡେ ଓ ଏକତା ମହିଳା ମଣ୍ଡଳ ସଭାପତି ରେଣୁ ପାଣ୍ଡେ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ, ଲସି, ତରଭୁଜ ଆଦି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକତା ମହିଳା ମଣ୍ଡଳ ସଭାପତି ରେଣୁ ପାଣ୍ଡେ, ସେକ୍ରେଟାରୀ ଇତିଶ୍ରୀ ପୃଷ୍ଟି, ସବିତା ଶର୍ମା, ଟ୍ରେଜେରର ନନ୍ଦିତା ପଣ୍ଡା, ଜିଏମ୍‌ଏସ ଓ ସିପି ଜିତେନ୍ଦ୍ର ତିୱାରି, ଏସ୍‌କେ ପୃଷ୍ଟି, ନୋଡାଲ ଅଫିସର ସିଏସଆର ନବୃନ ରଞ୍ଜନ ଦାଶ, ଡିଏନ ଚକ୍ରଧର, ଦିପୁ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଜୁ ଜନତା ଦଳର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବ୍ରଜରାଜନଗର, ୬।୫(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରଜନଗର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ନିର୍ବାଚନୀ କାର୍ଯ୍ୟାଳୟ ସ୍ଥାନୀୟ ଇଏସ୍‌ଆଇ ଛକସ୍ଥିତ ଦୁର୍ଗା ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଛି। ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟିକା ପ୍ରାର୍ଥୀନୀ ଅଲକା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିର୍ବାଚନରେ ନବୀନ ପଟନାୟକଙ୍କ ବିକାଶ ଅଭିମୁଖୀ କାର୍ଯ୍ୟଧାରାକୁ ଆଗେଇ ନେବା ସହିତ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ମଙ୍ଗଳବାରଠାରୁ କର୍ମୀମାନେ ଘର ଘର ବୁଲି ନବୀନଙ୍କ ବିକାଶ ବାର୍ତ୍ତାକୁ ପହଞ୍ଚାଇବା ସହିତ ଯୋଡ଼ିଶଙ୍ଖରେ କିପରି ଭୋଟ ଦେବା ସେ ବାବଦରେ ଅବଗତ କରାଇବାକୁ କହିଥିଲେ। ଅନୁଷ୍ଠିତ ସଭାରେ ବ୍ରଜରାଜନଗର ନଗରପାଳ ଫଞ୍ଜସେନୀ ଓରାମ, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବରିଷ୍ଠ ନେତା କୁଳମଣି ଦାସ, ଭାନୁ ସିଂ, ବାବୁଲାଲ ରୁଙ୍ଗଟା, ନୃପ ତଣ୍ଡିଆ, ନାରୀ ନେତ୍ରୀ ସାଧନା ସାମନ୍ତରାୟ, ନଳିନୀ ପ୍ରଧାନ, ସୁଜାତା ଜେନା ଓ ୱାର୍ଡ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

## ଦଶମ ଓ ଦ୍ୱାଦଶ ପରୀକ୍ଷାରେ ବିଇଏମ୍ ସ୍କୁଲର ସଫଳତା

**ଝାରସୁଗୁଡ଼ା, ୬।୫(ସମିସ):** ସିଆଇ୍‌ଏସ୍‌ସିଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ବିଇଏମ୍ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା। ଦଶମରେ ଇସାନ ସାହୁ ପ୍ରଥମ ଓ ଦ୍ୱାଦଶରେ ଖୁସି ଅଗ୍ରୱାଲ ଏବଂ ବିନୟ ଶର୍ମା କୃତିତ୍ୱ ଅର୍ଜନ କରିଛନ୍ତି। କାଉନସିଲ ଫର ଦ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶିତ ହୋଇ ଥିବାବେଳେ ବେଲପାହାଡ଼ ସ୍ଥିତ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦଶମରେ ଇସାନ ସାହୁ ୯୯% ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି ତଥା ନୂତନ କିର୍ତ୍ତୀମାନ



ସ୍ଥାପନ କରିଛନ୍ତି। ସେହିପରି ବିକାଶ ସାହୁ ୯୭.୬% ଓ ପ୍ରଭାବିନି ସାହୁ ୯୬% ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ (ବିଜ୍ଞାନ)ରେ ବିନୟ ଶର୍ମା ୯୪.୨୫ଧ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଦିତ୍ୟ ସ୍ୱରୂପ ଖୁଣ୍ଟିଆ ୯୩.୭୫ଧ ଓ ବିନିତା ବିଜୟିନୀ ୯୨.୨୫ଧ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଦ୍ୱାଦଶ ବାଣିଜ୍ୟ ରେ ଖୁସି ଅଗ୍ରୱାଲ ୯୬.୨୫% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହେବା ସହ ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ଦ୍ୱାଦଶରେ ମୋଟ ୨୯ ଜଣ ଫାଷ୍ଟ ଡିଭିଜନ୍ ରଖିଥିବା ବେଳେ ଦଶମରେ ୯୬ ଜଣ ଫାଷ୍ଟ ଡିଭିଜନ ରେ ପାସ୍ ହୋଇଛନ୍ତି। ଛାତ୍ରଛାତ୍ରୀ ମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ସୋମେଶ ସାହୁ, ସମ୍ପାଦକ କାହ୍ନୁଚରଣ ପ୍ରଧାନ, ଅଧକ୍ଷ ଅଭୟ କୁମାର ସ୍ୱାଇଁ ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

### ■ ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

## ଝାରସୁଗୁଡ଼ାରୁ ୮ ଓ ବ୍ରଜରାଜନଗରରୁ ୯ ପ୍ରାର୍ଥୀ

**ଝାରସୁଗୁଡ଼ା, ୬।୫(ସମିସ) :** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାର ଦୁଇଟି ବିଧାନସଭା ଆସନ ପାଇଁ ନାମାଙ୍କନ ପ୍ରତ୍ୟାହୃତ ହେବାପରେ ଝାରସୁଗୁଡ଼ାରୁ ୮ ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ୯ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଚିହ୍ନ ଶଙ୍ଖ, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଅମିତା ବିଶ୍ୱାଳ ହାତ, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପଦ୍ମ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ କାର୍ତ୍ତିକେଶ୍ୱର ଘୁଘର ହାତୀ, ଜାତୀୟ ଆପନା ପାର୍ଟିର ପ୍ରାର୍ଥୀ କଳାକର ନାଏକ ସେଓ, ସ୍ୱାଧୀନ ପ୍ରାର୍ଥୀ ସାଧନା ପାଣ୍ଡେ ହୀରା, ସଙ୍ଗୀତା କିସାନ ଅଟୋ ରିକ୍ସା ଓ ଗ୍ୟାନେନ୍ଦ୍ର ବେହେରାଙ୍କ ଷ୍ଟୁଲ ଚିହ୍ନ ରହିଛି। ସେହିପରି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ଶଙ୍ଖ ଚିହ୍ନ, କଂଗ୍ରେସର ପ୍ରାର୍ଥ କିଶୋର ପଟେଲ ହାତ, ଭାରତୀୟ ଜନତା ପାର୍ଟି ପଦ୍ମ, ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ କୁମୁଦରଞ୍ଜନ ପ୍ରସାଦ ଝାଡୁ, ବହୁଜନସମାଜ ପାର୍ଟିର ପ୍ରାର୍ଥୀ ସୁଜାତା କିସାନ ହାତୀ, କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ପ୍ରାର୍ଥୀ ରମେଶ ତ୍ରିପାଠୀ, ସ୍ୱାଧୀନ ପ୍ରାର୍ଥୀ ଅଭୟଭାରତୀ ଶେଖାୱତ ରାଜପୁର ଜୈନ ଚିହ୍ନ ଚପଲ, ସୁପ୍ରିତ କୁମାର ବେହେରା ଚିହ୍ନ ବଂଶୀ ଓ ହେମନ୍ତ କୁମର ରଣାଙ୍କ ଚିହ୍ନ ବେଞ୍ଚ୍ ରହିଛି।

## ମୋବାଇଲ୍ ଛିନ୍‌ତାଇ ଅଭିଯୋଗରେ ଜଣେ ଗିରଫ

**ବ୍ରଜରାଜନଗର, ୬।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଗଣ୍ଡଘୋରା ଛକନିକଟରେ ଛିଡ଼ା ଥିବା ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ଛିନତାଇ ଅଭିଯୋଗରେ ଗୈରମାଳ ଗ୍ରାମର ବାବୁଲୁ ବୁଡାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।



ବ୍ରଜରାଜନଗର ଥାନା ରେମଜା ଗ୍ରାମର ସୁମନ ଦାସ ଜାତୀୟ ରାଜପଥ ଗଣ୍ଡଘୋରା ଛକ ନିକଟରେ ଆଦିଶକ୍ତି ହୋଟେଲ ଦେଇଛନ୍ତି ଏବଂ ସେ ସନ୍ଧ୍ୟାସମୟରେ ହୋଟେଲ ସମ୍ମୁଖରେ ଛିଡ଼ାହୋଇ କଥା ହେଉଥିବା ସମୟରେ ଝାରସୁଗୁଡ଼ା ପଟୁ ଜଣେ ଯୁବକ ବାଇକ୍ ରେ ଆସି ତାଙ୍କ ନିକଟରୁ ମୋବାଇଲ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା। ହୋଟେଲରେ ଥିବା କିଛି ଲୋକେ ତୁରନ୍ତ ଯୁବକଙ୍କ ପଛରେ ବାଇକ୍ ଓ କାର୍‌ରେ ଗୋଡ଼ାଇ ଥିଲେ। ଦୁର୍ବୃତ୍ତକୁ ଗାନ୍ଧୀଛକ ରାଜପୁର ରୋଡରେ ଧରି ନିସ୍ତୁକ ମାଡ଼ ମାରିବା ସହ ଗାନ୍ଧୀଛକ ଫାଣ୍ଡିରେ ଜିମା ଦେଇଥିଲେ। ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ଘଟଣାର ତଦନ୍ତ କରି ସୁମନ ଦାସଙ୍କ ଲିଖିତ ଅଭିଯୋଗ ପରେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ବ୍ୟାପକ ମଦ ନଷ୍ଟକଲା ପୁଲିସ, ଜଣେ ଗିରଫ

**ଦେବଗଡ଼, ୬।୫(ସମିସ):** ଦେବଗଡ଼ ଥାନା ଅଧୀନ ବିଜୟନଗର ଗ୍ରାମରେ ବେଆଇନ ରନ୍ଧାମଦ କାରବାର ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରି ନଷ୍ଟ କରିଛି। ପୁଲିସ ଚଢ଼ଉ ଦେଖି ମଦ କାରବାର କରୁଥିବା ଉକ୍ତ ଗ୍ରାମର ଗୋଲବଦନ ପାଲ ଖସି ଯିବାକୁ ଉଦ୍ୟମ କରିଥିଲା। ପୁଲିସ ଗୋଡ଼ାଇ ଗୋଡ଼ାଇ ଅଭିଯୁକ୍ତକୁ କାବୁ କରିବା ସହ ଜଙ୍ଗଲ ନିକଟସ୍ଥ ପୋଖରୀ ହୁଡାରେ ଯାଞ୍ଚ ବେଳେ ବେଆଇନ ପ୍ରସ୍ତୁତ ରହିଥିବା ୧୨ ଲିଟର ଦେଶୀ ରନ୍ଧା ମଦ ଓ ୪୦ କେଜିରୁ ଊର୍ଦ୍ଧ୍ୱ ମହୁଲ ପୋଚକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତରେ ବ୍ୟବହୃତ ଉପକରଣକୁ ଜବତ କରିଥିଲା। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ବେହେରାମାଲରେ ବିଜେପିର କର୍ମୀ ସମ୍ମିଳନୀ




**ଝାରସୁଗୁଡ଼ା, ୬।୫ (ସମିସ):** ଝାରସୁଗୁଡା ବେହେରାମାଲ ଠାରେ ବିଜେପିର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କିରିମିରା ବ୍ଲକର ପୂର୍ବତନ ଚେୟାରମ୍ୟାନ ତେଜରାଜ ସାହୁ, ତାଙ୍କ ଧର୍ମପତ୍ନୀ ତଥା କିରିମିରା ବ୍ଲକର ଚେୟାରମ୍ୟାନ କୃଷ୍ଣପ୍ରିୟା ସାହୁ, ଭାଗ୍ୟବତୀ ନାୟକ, ଅମିତ ଓରାମ, ଦୀପକ ଶର୍ମା ୱାର୍ଡ, ଗୁଡ୍ଡୁ ବିଶ୍ୱକର୍ମା ଏକ୍ସ କାଉନସିଲର ୱାର୍ଡ ନ ୧୧, ମନବୋଧ ସିହ୍ନିଆ ଏବଂ ଅନେକ ସମର୍ଥକମାନେ ଦଳରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ବରଗଡ଼ ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାମାଙ୍କନପତ୍ର ଦାଖଲକଲେ ରୋମାଞ୍ଚ



**ଦେବଗଡ଼, ୬।୫(ସମିସ):** ଦେବଗଡ଼ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିବସରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ଶ୍ରୀ ବିଶ୍ୱାଳ ସକାଳେ ପ୍ରଧାନପାଟ ଶିଶୁ ଉଦ୍ୟାନସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଝାଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ପରେ ବିଜେଡି ଦଳୀୟ କାର୍ଯ୍ୟାଳୟରୁ ପ୍ରାୟ ୩୦ ହଜାର ସମର୍ଥକଙ୍କ ଗହଣରେ ହାତୀଶାଳ ଛକ, ମୁଖ୍ୟ ବଜାର, ଗୋପବନ୍ଧୁ ଛକ, ପୁରୁଣା ପୋଷ୍ଟ ଅଫିସ ଛକ, ବସଷ୍ଟାଣ୍ଡ ଛକ ଓ ମୁନିସିପାଲିଟି ଛକ ଦେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ ଜିଲ୍ଲା ବିଜେଡି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସାହୁ, ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ପୂର୍ବତନ ପୌରାଧକ୍ଷା ଅନିତା ପାତ୍ର, ଯୁବ ବିଜେଡି ସଭାପତି ପ୍ରତାପ ଦେବ, ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଜିଲ୍ଲା ବିଜେଡିର ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଦୁର୍ଘଟଣା, ଚାଳକ ମୃତ

**ଦେବଗଡ଼, ୬।୫(ସମିସ):** ଦେବଗଡ଼ ଥାନାଞ୍ଚଳର ପଳସାକୁଦର ରାସ୍ତାରେ ଆଜି ଏକ ଟ୍ରାକ୍ଟର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଲେଇବଣି ବ୍ଲକର ବାସୁଦେବପୁର ଗ୍ରାମର ଜିତେନ୍ଦ୍ର ବାଘ(୨୬)। ସୂଚନା ଅନୁଯାୟୀ, ଜିତେନ୍ଦ୍ର ଟ୍ରାକ୍ଟରରେ ଆସୁଥିବାବେଳେ ପଳସାକୁଦର ରାସ୍ତାର ଏକ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବେଦାନ୍ତ ଆଲୁମିନିୟମର ସମ୍ବଲପୁର ଡିଭିଜନରେ ସର୍ବବୃହତ ରାଜସ୍ୱ ଉତ୍ପାଦନ

ଝାରସୁଗୁଡ଼ା, ୬।୫(ସମିସ)

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ଅପରେସନ୍ ନିକଟରେ ସମ୍ବଲପୁର ଡିଭିଜନରେ ଭାରତୀୟ ରେଳବାଇ ପାଇଁ ସର୍ବାଧିକ ରାଜସ୍ୱ ଉତ୍ପାଦକ ଭାବରେ ବିଚାର କରାଯାଇଥିଲା। ଝାରସୁଗୁଡ଼ାରେ ଥିବା ଆଲୁମିନିୟମ ପ୍ଲାଣ୍ଟରେ ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଭିଜନର ଡିଭିଜନାଲ ରେଳ ପରିଚାଳକ, ତୁଷାର କାନ୍ତ ପାଣ୍ଡେ, ବରିଷ୍ଠ ବିଭାଗୀୟ ପରିଚାଳନା ଅଧିକାରୀ ତନ୍ମୟ ମୁଖୋପାଧ୍ୟାୟ ଏବଂ ବରିଷ୍ଠ ବିଭାଗୀୟ ସୁରକ୍ଷା ଅଧିକାରୀ ଏସ୍ ନାୟକଙ୍କ ଦ୍ୱାରା କମ୍ପାନୀକୁ ସମ୍ମାନିତ କରାଯାଇଥିଲା। ଇଭେଣ୍ଟର ଏକ ଅଂଶ ଭାବରେ ବେଦାନ୍ତର ସୁରକ୍ଷା ଏବଂ ଲଜିଷ୍ଟିକ୍ ପରିଚାଳନାରେ ଦକ୍ଷତା




ଉପରେ ପ୍ରତିବଦ୍ଧତା ଉପରେ ଏକ ସୁରକ୍ଷା ରାଲି କରାଯାଇଥିଲା। କର୍ମଚାରୀ ଏବଂ ବ୍ୟବସାୟିକ ଭାଗିଦାରୀମାନେ ମଧ୍ୟ ରେଳବାଇର ସମୃଦ୍ଧ ଇତିହାସ ଏବଂ ଐତିହ୍ୟକୁ ନେଇ କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୁନୀଲ ଗୁପ୍ତା କହିଛନ୍ତି ଭାରତୀୟ ରେଳବାଇ ଦ୍ୱାରା ସମ୍ବଲପୁର ଡିଭିଜନରେ ଶୀର୍ଷ ରାଜସ୍ୱ ଉତ୍ପାଦନକାରୀ ଭାବେ ସ୍ୱୀକୃତି ପାଇବା ପ୍ରକୃତରେ ଏକ ମାଇଲଖୁଣ୍ଟ ଅଟେ। ନିରାପତ୍ତା ସହିତ ଆମର ମାର୍ଗଦର୍ଶିକା ଭାବରେ, ଆମେ ଦୃଢ଼ ସହଭାଗୀତା ସୃଷ୍ଟି କରିବା, ନୂତନମାନକ ସ୍ଥିର କରିବା ଏବଂ ଝାରସୁଗୁଡାକୁ ବିଶ୍ୱର ଆଲୁମିନିୟମ୍ ରାଜଧାନୀ ଭାବରେ ସ୍ଥାନିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ସମ୍ବଲପୁର ଡିଭିଜନର ରେଳ ପରିଚାଳକ ତୁଷାର କାନ୍ତ ପାଣ୍ଡେ ଆଲୋକିତ କରିଛନ୍ତି, ଯୁବ ଇଞ୍ଜିନିୟର ତଥା ସୁରକ୍ଷା ବିଶେଷଜ୍ଞଙ୍କ ଏକ ଦଳ ଦ୍ୱାରା ସଶକ୍ତ ହୋଇ ବେଦାନ୍ତ ରେଳ ଲଜିଷ୍ଟିକ୍ସ ଏବଂ ସୁରକ୍ଷା ମାନଦଣ୍ଡରେ ବୃଦ୍ଧି କରୁଛନ୍ତି। ଆମ ବିଭାଗରେ ବେଦାନ୍ତ ଅଗ୍ରଣୀ ରାଜସ୍ୱ ଯୋଗଦାନକାରୀ ଏବଂ ଆମେ ଏହି ସହଭାଗିତାକୁ ଆହୁରି ବଢ଼ାଇବା ତଥା ଦୃଢ଼ କରିବାକୁ ଆଗ୍ରହୀ।

## ଅଙ୍ଗଦାନ ପାଇଁ ଘୋଷଣା କଲେ ରୋମାଞ୍ଚ ରଞ୍ଜନ



**ଦେବଗଡ଼, ୬।୫(ସମିସ):** ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ତାଙ୍କ ନାମାଙ୍କନ ଦାଖଲ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତ୍ୟୁ ପରେ ତାଙ୍କ ଶରୀରର ଅଙ୍ଗଦାନ ପାଇଁ ଘୋଷଣା ନାମାରେ ସ୍ୱାକ୍ଷର କରିଥିଲେ। ଶ୍ରୀ ବିଶ୍ୱାଳ ମନ୍ଦିର ଦର୍ଶନ କରି ଫେରିବା ପରେ ନିଜ ସମର୍ଥକଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ପରେ ମେଡିକାଲ ସୁପରିଟେଣ୍ଡାଣ୍ଟ ଡା. ମନୋରଞ୍ଜନ ସାମଲ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶ୍ରୀ ବିଶ୍ୱାଳଙ୍କ ଘୋଷଣା ନାମା ଗ୍ରହଣ କରିବା ସହ ଶ୍ରୀ ବିଶ୍ୱାଳଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଡାକ୍ତର ଶ୍ରୀ ସାମଲ ଅଙ୍ଗଦାନ ଭଳି ମହତ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବାରୁ ଶ୍ରୀ ବିଶ୍ୱାଳ ନୂତନ ପିଢ଼ି ପାଇଁ ଏକ ବାର୍ତ୍ତା ଦେଇଥିବା ପ୍ରକାଶ କରିଥିଲେ।

# ୪ମାସରେ ୩୯ ବନ୍ଧୁକ ଜବତ; ୨୧ଗିରଫ

**ସମ୍ବଲପୁର, ୬।୫(ସମିସ)**

ସମ୍ବଲପୁର ଜିଲ୍ଲା ପୁଲିସ ଅପରାଧିକ କାର୍ଯ୍ୟ ରୋକିବା ନେଇ ସହରର ପ୍ରବେଶ ପଥ ଗୁଡ଼ିକରେ ଚେକ୍‌ପୋଷ୍ଟ କରିଛି। ଏପରିକି ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ରାସ୍ତାରେ ସନ୍ଦେହରେ ଯାତାୟତ କରୁଥିବା ଗାଡ଼ିକୁ ଯାଞ୍ଚ କରି ମଧ୍ୟ ବ୍ୟାପକ ସଫଳତା ହାସଲ କରିଛି। ଆଜି ୫ମାସରେ ପୁଲିସ ପାଇଥିବା ସଫଳତା ରିପୋର୍ଟ ଦେଇଛି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଏବଂ ସାଧାରଣ ନିର୍ବାଚନ ଦୃଷ୍ଟିରୁ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲେ। ଗତକାଲି ସୁଦ୍ଧା ଚଳିତବର୍ଷ ୧୨୫ ଦିନରେ ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ ୩୬୪ଟି ଜାମିନ୍‌ବିହୀନ ପରୱାନା କାର୍ଯ୍ୟକାରୀ କରାଯାଇଥିବାବେଳେ ୫୯୭ଟି ଖାରଜ କରାଯାଇଛି। ୨୮୦୮ଜଣଙ୍କ ଉପରେ ଆଇପିସିର ଧାରା ୧୦୭ ସିଆରପିସି ଓ ୧୮୭ ଜଣଙ୍କ ଉପରେ ସିଆରପିସିର ଧାରା ୧୧୦ ଆଧାରରେ ପଦକ୍ଷେ ନିଆଯାଇଛି ବୋଲି ଅତିରିକ୍ତ ଏସ୍‌ପି ହରେଶଚନ୍ଦ୍ର ପାଣ୍ଡେ ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୮୮୩.୨୯୫ କିଲୋଗ୍ରାମ ଅର୍ଥାତ୍ ୮୮, ୩୨, ୯୫୦ ଟଙ୍କାର ଚୋରା ଗଞ୍ଜେଇ ଜବତ କରାଯାଇ ୧୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୨୦୩୪ ଲିଟର





ପରିମାଣର ୨୦୩୪୦ ବୋଟଲ ୩୬, ୬୧, ୨୦୦ ଟଙ୍କାର କଫଅଫ ସିରପ୍ ସହିତ ୫୯ ଜଣଙ୍କୁ ଗିରଫ କରାଯାଇଛି। ୩୯ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ୨୧ ଜଣ ଗିରଫ ହୋଇଛନ୍ତି। ୨୫୬୬୬.୫୧୫ ଲିଟର ବିଦେଶୀ ମଦ, ୩୩୬ ଲିଟର ସ୍ପିରିଟ, ୫୪୩୭ ଲିଟର ଆଇଡି ଜବତ କରାଯାଇ ୪୫ ଜଣଙ୍କୁ ଗିରଫ କରାଯାଇଛି। ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ନାକାବନ୍ଦୀ ଏବଂ ଗାଡ଼ି ମୋଟର ଯା ସମୟରେ ୩୮ ଲକ୍ଷ ୪୫ ହଜାର ୨୦ ଟଙ୍କା ଉଦ୍ଧାର କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗରର ୨୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଚେକ୍‌ପୋଷ୍ଟ କାର୍ଯ୍ୟକାରୀ କରାଯାଉଛି। ତନ୍ମଧ୍ୟରୁ ବିଭିନ୍ନ ଥାନା ଭିତରୁ ଅଇଁଠାପାଲିର ଆଦର୍ଶମାର୍ଗ, କ୍ଷେତରାଜପୁରର ଲକ୍ଷ୍ମୀ ଡୁଙ୍ଗୁରୀ ଓ କ୍ଷେତରାଜପୁର, ଧନୁପାଲିର ମୋତିଝରଣ, ଜିଲ୍ଲାସ୍କୁଲ ଛକ, ସରଲାକାନୀ ଛକ, ଧନୁପାଲିଛକ ଓ ସିଟି ରେଲଷ୍ଟେସନ ଛକ, ସଦର ଥାନା ମାନେଶ୍ୱର ଓ ଧନକଉଡ଼ା ଛକ, ଟାଉନ୍ ଥାନାର ପୀରବାବା ଛକ ଓ ଫ୍ଲାଇଓଭର, ବୁର୍ଲାର ପଥର ଗେଟ୍, ଚାଉଁରପୁର ଓ ପିସି ବ୍ରିଜ୍ ଏବଂ ହୀରାକୁଦର ବିହାରୀ ପଡ଼ା ସହିତ ଦୁଇଟି ଜାଗାରେ ଏହି ଚେକ୍‌ପୋଷ୍ଟ କରାଯାଇଛି। ଏହି ଚେକ୍‌ପୋଷ୍ଟମାନଙ୍କରେ ସ୍ୱତନ୍ତ୍ର କେବିନ୍‌ରେ ପୁଲିସ ଅଧିକାରୀ ଏବଂ କର୍ମଚାରୀମାନେ ୨୪ ଘଣ୍ଟା ପହରା ଦେଉଛନ୍ତି। ଏହି ସ୍ଥାନମାନଙ୍କରେ ସହରକୁ ଯିବା ଆସିବା କରୁଥିବା ଲୋକ ଏବଂ ଗାଡ଼ି ମୋଟର ଯା କରାଯାଉଛି। ସିସିଟିଭି ସର୍ଭିଲେନ୍ସ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସମ୍ବଲପୁର ସହର କୁଚିଣ୍ଡା, ବୁର୍ଲା, ରେଢ଼ାଖୋଲ ଓ ରେଙ୍ଗାଲି ଅଳରେ ଜିଲ୍ଲା ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ନିୟମିତ ବ୍ୟବଧାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଚେରୁଆପଡ଼ାରେ ବିଜେଡିର ପ୍ରଚାର



**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ମହାନଗର ନିଗମ ୨୩ନମ୍ବର ୱାର୍ଡ଼ର ଚେରୁଆପଡ଼ାରେ ବିଜେଡି ପକ୍ଷରୁ ସୋମବାର ଘରେ ଘରେ ଶଙ୍ଖ, ହାଉସ୍ ଟ୍ରେକିଙ୍ଗ ଓ ଜଗନ୍ନାଥଙ୍କ ଭୋଗ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଲୋକଙ୍କ ସହ ଘରକୁ ଘର ବିଜେଡି କର୍ମୀ ଯାଇ ବିଜେଡି ସରକାରଙ୍କ ଲୋକାଭିମୁଖୀ ତଥା ଜନକଲ୍ୟାଣକାରୀ କାର୍ଯ୍ୟ ନେଇ ଲୋକଙ୍କୁ ସଚେତନ କରି ଅବଗତ କରାଇଥିଲେ। ଏହାସହ ବିଗତ ୫ବର୍ଷରେ ସମ୍ବଲପୁରର ବିଜେପି ବିଧାୟକ ତଥା ସାଂସଦଙ୍କ ଅପାରଗତା ପ୍ରସଙ୍ଗରେ ଲୋକଙ୍କୁ ବୁଝାଇବା ସହ ବିଜେଡିର ଚଳିତ ନିର୍ବାଚନରେ ସାଂସଦ ତଥା ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ଜନଜାଗରଣ ସୃଷ୍ଟି କରିଥିଲେ। ଏଥିସହ ମହାପ୍ରଭୁଙ୍କ ଭୋଗକୁ ମଧ୍ୟ ଚେରୁଆପଡ଼ା ଅଞ୍ଚଳରେ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁରୁବାବୁ ମେହେର, ବିଜେଡି ନେତା ନରୋତ୍ତମ ସାହୁ, ବିଜେଡି ନେତ୍ରୀ ନଳିନି ପ୍ରଧାନ, ଜ୍ୟୋଷ୍ଣା ସିଂ, ବିଜେଡି ନେତା ଫକିର ପଟେଲ, ଅକ୍ଷୟ ବେହେରା, ଅଶୋକ ମେହେର, ବିକାଶ ପଟ୍ଟନାୟକ, ରାଜୁ କ୍ଷେତରୀ ପ୍ରମୁଖ ଉପସ୍ଥିତ ରହି ଆଜିର ଚେରୁଆପଡ଼ାରେ ଘରେ ଘରେ ଶଙ୍ଖ, ହାଉସ ଟ୍ରେକିଙ୍ଗ ଓ ଜଗନ୍ନାଥଙ୍କ ଭୋଗ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନିଶାରେ ଚୁର୍ ଚାଳକ, ବିଚ୍ ରାସ୍ତାରେ କାର୍

# ହାତରେ ଷ୍ଟିୟରିଂ ବଦଳରେ ବିଅର ବୋତଲ




**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ସହର ଟାଉନ ଥାନା ଅନ୍ତର୍ଗତ ମୁଦିପଡ଼ାଛକ ରେ ଆଜି ଏକ ଅଭାବନୀୟ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏକ କାର୍ ବିଚ୍ ରାସ୍ତାରେ ଛିଡ଼ା ରହିଥିବାବେଳେ କାର୍ ଭିତରେ ଚାଳକ ନିଶାରେ ଚୁର୍ ହୋଇ ଶୋଇପଡ଼ିଥିଲେ। ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡିକ ଅଟକି ରହିଥିବାବେଳେ କିଛି ସମୟ ଧରି ଟ୍ରାଫିକ୍ ସମସ୍ୟା ଦେଖା ଦେଇଥିଲା। ସାଧାରଣ ଲୋକମାନେ ସବୁ ଘଟଣାକୁ ମୋବାଇଲରେ ଭିଡିଓ ଓ ଫଟୋ କରୁଥିଲେ। କିଛି ସମୟ ପରେ ଗାଡି ଭିତରୁ ଚାଳକ ବାହାରି ଫଟୋ କରିବାକୁ ବିରୋଧ କରୁଥିବା ଦେଖା ଦେଇଥିଲା। ସୂଚନାଯୋଗ୍ୟ, ଆଜି ଦିନବେଳା ନୀଳ ରଙ୍ଗର କାର୍ (ଓଡି ୧୫ ଏକ୍ସ ୬୪୪୬) ରାସ୍ତା ଉପରେ ଛିଡ଼ା ହୋଇଥିଲା। ଚାଳକ ଏତେ ନିଶାରେ ଥିଲେ ଯେ, ଗାଡ଼ ରଖି ଭିତରେ ଶୋଇପଡ଼ିଥିଲେ। ହାତରେ କାର ଷ୍ଟିୟରିଙ୍ଗ ଧରିବା ବଦଳ ରେ ବିଅର ବୋତଲ ଧରିଥିଲେ। କାର ମୁଦିପଡ଼ା ଛକର ପେଟ୍ରୋଲ ପମ୍ପ ନିକଟ ରାସ୍ତା ଉପରେ ଛିଡ଼ା ହୋଇଥିଲା। କାର କାଚ ବନ୍ଦ କରିଥିବାରୁ ଆଖପାଖ ଲୋକମାନେ ଆସି ଚାଳକଙ୍କୁ ବହୁ କଷ୍ଟରେ କାର ଭିତରୁ ବାହାର କରିଥିଲେ। ଗାଡ଼ି ଚାରିପଟେ ଲୋକମାନେ ଘେରିଯିବାରୁ ବାହାରେ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକମାନଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ସାଧାରଣ ନିର୍ବାଚନକୁ ନିର୍ବାଚନ ସୁରୁଖୁରୁରେ ହେବା ସେଥିପାଇଁ ପୁଲିସ ପ୍ରସାଶନ ପକ୍ଷରୁ ପ୍ରସ୍ତୁତି କରୁଛି। ନିତିଦିନ ବିଭିନ୍ନ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କରି ଗାଡି ଯାଞ୍ଚ କରୁଛି। ସମ୍ବଲପୁର ସହରରେ ବେଆଇନ ନିଶା କାରବାର ଯେପରି ହୋଇପାରିବ ନାହିଁ ସେଥିପ୍ରତି ମଧ୍ୟ ପୁଲିସ ସଜାଗ ରହିଛି। ହେଲେ ସହରରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ନିର୍ବାଚନ ପ୍ରଚାରର ଉଷ୍ମତା ଯେପରି ଭାବେ ବଢ଼ିବାରେ ଲାଗିଛି ସେପରି ଭାବେ ନିଶାଖୋର ମାନେ ନିଶାରେ ମତୁଆଲ ହୋଇ ବୁଲୁଛନ୍ତି। ଆଜି ଘଟଣାରୁ ଏହା ସ୍ପଷ୍ଟ ହୋଇଯାଉଛି।

# ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ସଦର ଅବକାରୀ ଥାନା -୧ ପକ୍ଷରୁ ଆଜି ସକାଳ ୮ଟା ବେଳେ ବୁର୍ଲା ହାଇସ୍କୁଲ ପଡ଼ିଆ ନିକଟରୁ ୨୪.୯୭ ଲିଟର ବିଦେଶୀ ମଦକୁ ଜବତ କରାଯାଇଛି। ଏହି ଘଟଣାରେ ଅଶୋକ ଷଣ୍ଢ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସୂଚନା ଅନୁସାରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ସଦର ଥାନା -୧ ପକ୍ଷରୁ ଚଢ଼ାଉ କରାଯାଇ ୧୮.୮୫ ଲିଟର ବିଅର ଓ ୬.୧୨ ଲିଟର ବିଦେଶୀ ମଦ ମୋଟ ୨୪.୯୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଗିରଫ ଅଭିଯୁକ୍ତକୁ ଆଜି ୧୧ଟା ରେ କୋର୍ଟ ଚାଲାଣ କରିଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମାଜବାଦୀ ଓ ବିଏସ୍‌ପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ





**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଆଜି ଶେଷ ତାରିଖ ରହିଥିଲା। ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ସମସ୍ତ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀ ଓ ସ୍ୱାଧିନ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସମ୍ବଲପୁର ଲୋକସଭା ଅନେକ ନାମାଙ୍କନ ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ଶ୍ରୀରାମ ପାଣ୍ଡେ, ଆରୋମ ସୁପକାର ଏବଂ ଜ୍ଞାନେନ୍ଦ୍ର ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କୋଶଲ ଜନତା ଦଳ ପକ୍ଷରୁ ପୁରୁଷୋତ୍ତମ ପାତ୍ର, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟି ପକ୍ଷରୁ ରାକେଶ ବାଗ, ରାଷ୍ଟ୍ରୀୟ ମାନବ ପାର୍ଟି ପକ୍ଷରୁ ଖଗେଶ୍ୱର ବେହେରା, ନ୍ୟାସନାଲ ଜନ ଦଳ ପକ୍ଷରୁ ସୁବାଷ ମହାପାତ୍ର ସମ୍ବଲପୁର ଜିଲ୍ଲାପାଳଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି। କୁଚିଣ୍ଡା ବିଧାନସଭା ଆସନ ପାଇଁ କୋଶଲ କ୍ରାନ୍ତି ଦଳ ପକ୍ଷରୁ ମୀନାକ୍ଷୀ ମାଝି, ସ୍ୱାଧୀନ ପ୍ରାର୍ଥୀ ଭାବେ ବୃନ୍ଦାବନ ମାଝି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରେଙ୍ଗାଲି ବିଧାନସଭା ଆସନ ପାଇଁ ସ୍ୱାଧିନ ଭାବରେ ସୁଶାନ୍ତ ତନସନା, ବିଏସପିରୁ ଆନନ୍ଦିନୀ ବେସନ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରେଢାଖୋଲ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ ସଞ୍ଜୟ ବବଙ୍ଗା ନାମାଙ୍କନ ଦାଖଲ କରିଛନ୍ତି। ସମ୍ବଲପୁର ଆସନ ବିଏସପିର ଅନିଲ ନାଏକ, ସମାଜବାଦୀ ପାର୍ଟିରୁ ଅନିଲ ଯାଦବ ଓ ୪ଜଣ ସ୍ୱାଧିନ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

# ପଶ୍ଚିମ ଓଡ଼ିଶା ସର୍ଜରୀ ଡାକ୍ତରଙ୍କ ସମ୍ମିଳନୀ




**ସମ୍ବଲପୁର, ୬।୫(ସମିସ):** ସମ୍ବଲପୁର ବୁର୍ଲାସ୍ଥିତ ଏକ ହୋଟେଲରେ ରାଜ୍ୟ ନିରନ୍ତର ଚିକିତ୍ସା ଶିକ୍ଷା(ସିଏମଇ) ଓ ବୁର୍ଲା ଭିମସାର ସର୍ଜରୀ ବିଭାଗ ସହଯୋଗରେ ପଶ୍ଚିମ ଓଡ଼ିଶାର ଡାକ୍ତରମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଷ୍ଟେଟ ଚାପଟର ସମ୍ବଲପୁର ଶାଖା ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ବିଶେଷଜ୍ଞମାନେ ବିଭିନ୍ନ ବିଷୟରେ ନିଜର ଦୃଷ୍ଟିଭଙ୍ଗି ଉପସ୍ଥାପନା କରିଥିଲେ। ନିରନ୍ତର ଚିକିତ୍ସା ଶିକ୍ଷା ପାଇଁ ସିଏମଇ ହେଉଛି ସଂକ୍ଷିପ୍ତକରଣ ଏବଂ ଶିକ୍ଷାଗତ କାର୍ଯ୍ୟକଳାପକୁ ନେଇ ଗଠିତ। ଯାହା ଜ୍ଞାନ, କୌଶଳ, ଏବଂ ବୃତ୍ତିଗତ କାର୍ଯ୍ୟଦକ୍ଷତା ଏବଂ ସମ୍ପର୍କକୁ ବଜାୟ ରଖିବା, ବିକାଶ କିମ୍ବା ବୃଦ୍ଧି କରିବାରେ ସାହାର୍ଯ୍ୟ କରିଥାଏ। ଏପିଗ୍ୟାଷ୍ଟ୍ରିକ ଲମ୍ପ ବିଷୟରେ ଡା. ଏଲଏମ ତାଣ୍ଡି ପ୍ରଶିକ୍ଷଣ ଦେବା ସହ ପ୍ରଫେସର ଏମକେ ନାୟକ, ପ୍ରଫେସର ପି ହେମ୍ବ୍ରମ, ପ୍ରଫେସର ଏସକେ ମହାପାତ୍ର ଓ ଡା. ବି ଆଚାର୍ଯ୍ୟ ଟକ ସୋରେ ଭାଗ ନେଇଥିଲେ। ସେହିପରି ଥାଇରଡ ସ୍ୱେଲିଂରେ ଡା. ବିଆର ରଥ, ପ୍ରଫେସର ଏକେ ନାୟକ, ଡା.ଏସ ପାଣିଗ୍ରାହି, ପ୍ର.ପିସି ନାଏକ, ପ୍ର. ବି.ବେହେରା ଭାଗ ନେଇଥିଲେ। ବ୍ରେଷ୍ଟ ଲମ୍ପ ବିଷୟରେ ଡା.ଏକେ ନାୟକ, ପ୍ର. ବିଏମ ମିଶ୍ର, ପ୍ର.ଏସ୍.କୁଜୁର, ପ୍ର.ଏକେ ପ୍ରଧାନ ଓ ଡା.ଟିକେ ନାୟକ ନିଜର ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ କୁଇଜ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। କୁଇଜ ପ୍ରତିଯୋଗିତାରେ ଭିମସାର ପିଜି ଯୁବ ଛାତ୍ର ସଂଘର ସଭାପତି ଡା.ପୁନିତ ଛାବରିଆ ବିଜୟ ହୋଇଥିଲେ। ଏହସହ ପିଜି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଡାକ୍ତର ଛାତ୍ରମାନେ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ସମାରୋହ

**ସମ୍ବଲପୁର, ୬।୫(ସମିସ):** ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶାଖା ଅଧ୍ୟକ୍ଷ ମକରଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦାୟୀ ଶାଖା ସଚିବ ସୁକାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ ତରୁଣବଲ୍ଲଭ ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବେ ପରିଷଦର ପ୍ରାନ୍ତ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାନ୍ତ ପୃଷ୍ଠପୋଷକ ନନ୍ଦଲାଲ ଅଗ୍ରୱାଲ ଓ ପ୍ରାକ୍ତନ ରାଜ୍ୟ ସଭାପତି ଡ. ବିନୋଦ ବିହାରୀ ନାଏକ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ନବନିର୍ବାଚିତ ଶାଖା ସଭାପତି ମକରଧ୍ୱଜ ଯୋଶୀ, ସଚିବ ଡ. ନରେନ୍ଦ୍ର କୁମାର ବେହେରା, ବିତ୍ତ ସଚିବ ଜେ ଗିରିଜା ଦେବୀ, ଉପ ସଭାପତି ପ୍ରଦ୍ୟୋତ କୁମାର ମିଶ୍ର, ସେବା ସଚିବ ବିଶାଲ ବଂସଲ, ସଂଗଠନ ସଚିବ ଇ. ଶ୍ୟାମ ବିଶ୍ୱାଳ ଓ ସଂସ୍କାର ସଚିବ ଦୀନେଶ ଶର୍ମାଙ୍କୁ ପରିଷଦର କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମ ସୁନ୍ଦର ଶର୍ମା ଶପଥ ପାଠ କରାଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଗିରିଧାରୀ ହୋତା, ସମାଜସେବୀ ଚିକିତ୍ସକ ଡ. ସଞ୍ଜୀବ ମିଶ୍ର ଓ ତାଙ୍କ ସହଧର୍ମିଣୀ ଡ. ଗୀତାରାଣୀ ଚୌବେ, ନମ୍ରତା କୁନ୍ଦନାନୀଙ୍କୁ ପରିଷଦର ପ୍ରାନ୍ତ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ଅଗ୍ରୱାଲ ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ବିନୋଦ ବିହାରୀ ନାଏକ ନୂତନ ସଦସ୍ୟତାର ସଂକଳ୍ପ ପାଠ କରାଇଥିଲେ। ମୁଖ୍ୟ ଅତିଥି ଇଂ ତରୁଣବଲ୍ଲଭ ମିଶ୍ର ସ୍ୱତଃ ପ୍ରବୃତ୍ତ ହୋଇ ପରିଷଦର ସଦସ୍ୟ ହେବା ପାଇଁ ଇଚ୍ଛା ପ୍ରକାଶ କରି ସଦସ୍ୟତା ସଂକଳ୍ପ ପାଠ କରିଥିଲେ। ସମସ୍ତ ନୂତନ ସଦସ୍ୟମାନଙ୍କର ପରିଷଦ ପରିବାରରେ ସ୍ୱାଗତ କରାଯାଇଥିଲା। ଶେଷରେ ସଚିବ ଡ. ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳ ସଚେତନତାର ବାର୍ତ୍ତା ପୁଣି ଦେଲା ସ୍ୱଇଚ୍ଛା

**ସମ୍ବଲପୁର, ୬।୫(ସମିସ):** 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ଭଳି ଜଳର ଅଯଥା ଅପଚୟ ମଧ୍ୟ ରୋକିବା ହେବ। ବର୍ତ୍ତମାନ ଖରାର ପ୍ରକୋପ ଜାରି ରହିଛି। ପିଇବା ପାଣି ଟୋପାଏ ମିଳିବା ଭାରି କଷ୍ଟସାଧ୍ୟ। ଶୋଷ ମେଣ୍ଟାଇବା ପାଇଁ ସହରରେ ଅନେକ ଜଳ ପ୍ରକଳ୍ପ ଖୋଲାଯାଇଛି। କିନ୍ତୁ ସେଥିରୁ ଅନବରତ ପାଣି ନଷ୍ଟ ହେବା ଘୋର ଚିନ୍ତାର ବିଷୟ। ଯେମିତି ଜେଲଛକସ୍ଥିତ ଓମଫେଡ଼ ପାର୍ଲର ନିକଟସ୍ଥ ଏକ ଜଳ ପ୍ରକଳ୍ପରୁ ଟ୍ୟାପ୍ ଯୋଗେ ଅନବରତ ପାଣି ନଷ୍ଟ ହୋଇଚାଲିଥିଲା। ଏହା ଦେଖି ସ୍ୱଇଚ୍ଛା ପରିବାର ମିସ୍ତ୍ରୀ ଡାକି ପାଣି ଟ୍ୟାପକୁ ବଦଳାଇଥିଲା। ଅପରିଷ୍କାର ଭାବେ ଥିବା ଜଳ ପ୍ରକଳ୍ପର ପରିସରକୁ ମଧ୍ୟ ସଫା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁପ ମେହେର, ଆର୍ତ୍ତତ୍ରାଣ ଶତପଥି, ଅଭିନନ୍ଦନ ତ୍ରିପାଠୀ, ଶ୍ରୀଧର ପଟ୍ଟନାୟକ, ସନ୍ଦୀପ ପଣ୍ଡା, ଉତ୍ତମ ପଣ୍ଡା, ପିନୁ ଭାଇ ଏବଂ ଅମିତ ହୋତା ପ୍ରମୁଖ ସହଯୋଗ କରିଥିଲେ।

# ଆରମ୍ଭ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



**ସମ୍ବଲପୁର, ୬।୫(ସମିସ):** ଅଇଁଠାପାଲି ସ୍ଥିତ 'ଆରମ୍ଭ' ଏନ.ଜି.ଓ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିବା ସମର୍ ଇଣ୍ଟର୍ନସିପ୍ ସଫଳ ଭାବରେ ସମାପ୍ତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୬ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିଥିଲା। ଇଣ୍ଟର୍ନସିପ୍‌ରେ ଲଜପତ୍ ରାୟ ଆଇନ୍ ମହାବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମୋଟ୍ ୮ଜଣ ଛାତ୍ର ଛାତ୍ରୀ ପ୍ରଥମ ବ୍ୟାଚ ଭାବେ ଏହାକୁ ସମ୍ପୂର୍ଣ୍ଣ କରିଛନ୍ତି। ଏହି ଇଣ୍ଟର୍ନସିପ୍‌ରେ ନାଗରାଜନ ଆଚାରି ଓ ମୋନାଲିସା ବହିଦାର ମୁଖ୍ୟ ଭାବେ ବିଭିନ୍ନ ବିଷୟ ଯଥା ଆରଟିଓ ମାଗିବା, ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ଅଫିସ୍ ଏଟିକେଟ୍, ଏଚ.ଆର ପଲିସି, ଲିଡରସିପ ସ୍କିଲ୍ ଆଦି ଛାତ୍ର ଛାତ୍ରୀ ମାନଙ୍କୁ ଶିଖାଇଥିଲେ। ଗତ କାଲି ଏନ୍.ଜି.ଓର ସଭାପତି ନିଶାନ୍ତ ଦୀକ୍ଷିତ, ସମ୍ପାଦକ ନାଗରାଜନ ଆଚାରି, କୋଷାଧ୍ୟକ୍ଷ ତଥା ଏଚ୍.ଆର ସୁଶ୍ରୀ ମୋନାଲିସା ବହିଦାର ଓ ସହକର୍ମୀ ସୁଶ୍ରୀ ଅଙ୍କିତା ଭୋଇଙ୍କ ଉପସ୍ଥିତିରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଠାରେ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ନିଜର ପ୍ରମାଣ ପତ୍ର ନେଇଥିଲେ ଓ ନିଜର ଶେଷ ପ୍ରକଳ୍ପ ମଧ୍ୟ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀ ସମ୍ବଲପୁରରେ ଏହି ଭଳି ସୁଯୋଗ ପ୍ରଥମ ଥର ମିଳିଥିବାରୁ କୃତଜ୍ଞତା ଜଣାଇବା ସହ ଅନେକ କିଛି ଶିଖିବାକୁ ମିଳିଥିଲା ବୋଲି କହିଥିଲେ।

### ସତ୍ୟ ମଣିଷକୁ ସାହସୀ କରେ

# ଘରେ ପ୍ରାଥମିକ ଚିକିତ୍ସା ଉପରେ ଆଲୋଚନା

**ସମ୍ବଲପୁର, ୬।୫(ସମିସ)**

ରବିବାର ପୂର୍ବାହ୍ନରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ପଞ୍ଚମ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପିତ ହୋଇଯାଇଛି। ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ନୀତିଶିକ୍ଷା ପ୍ରସଙ୍ଗରେ ସତ୍ୟର ମହତ୍ତ୍ୱ ଉପରେ ଆଲୋଚନା କରି ସମ୍ବଲପୁର ଟ୍ରେନିଂ କଲେଜର

### ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମୀନକେତନ ପାଠୀ ଜୀବନରେ ସତ୍ୟତା ଆଚରଣ କରି ମହାତ୍ମାଗାନ୍ଧୀଙ୍କ ପରି ନିର୍ଭୀକ ହେବାକୁ ପିଲାଙ୍କୁ ବିଭିନ୍ନ ଉଦାହରଣ ସହ ପ୍ରେରିତ କରିଥଲେ। ଦ୍ୱିତୀୟ ଅଧିବେଶନ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗ କ୍ରମେ 'ଅଣ ସଂକ୍ରମଣ ରୋଗ ଓ ପ୍ରାଥମିକ ଚିକିତ୍ସା' ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରି ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ସିଂ ମଧୁମେହ ରୋଗର କାରଣ ଓ ନିରାକରଣ ଉପରେ ତଥ୍ୟଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଏହାକୁ ଘରେ ବାପାମା ଓ ବୟସ୍କଙ୍କୁ ଅବଗତ କରିବାକୁ ଉପଦେଶ ଦେଇ ସାପକାମୁଡ଼ା, ମୂର୍ଚ୍ଛା ଓ ରକ୍ତସ୍ରାବ ଜନିତ ଘଟଣାରେ କିପରି ପ୍ରାଥମିକ ଚିକିତ୍ସା କରାଯିବ ତାହା ପ୍ରତ୍ୟକ୍ଷ ଭାବେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ପିଲାଙ୍କୁ ଧ୍ୟାନର ସହ ଶୁଣିବା ଅଭ୍ୟାସକୁ ବଜାୟ ରଖି ନିଜେ ଶିଖଥିବା ପ୍ରସଙ୍ଗକୁ ନିଜ ସାଙ୍ଗମାନଙ୍କ ସହ ବାଣ୍ଟିବାକୁ ଉପଦେଶ ଦେଇଥିଲେ। ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଅର୍ଜୁନରଞ୍ଜନ ପଣ୍ଡା, ଡ଼.ଗିରିଧାରୀ ହୋତା, ଡ଼.ପ୍ରମୋଦ କୁମାର ପଣ୍ଡା, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର କାମଦେବ ସାହୁ, ରବିନାରାୟଣ ମିଶ୍ର,




ପ୍ରଫେସର ଏସକେ ଦାଶ, ଗୋଳକ ବିହାରୀ ମିଶ୍ର, ଦୀପାଳି ଚୌଧୁରୀ, ହରିନାରାୟଣ ପଣ୍ଡା, ପୃଥ୍ୱିରାଜ ମିଶ୍ରଙ୍କ ସମେତ ଅନେକ ବୁଦ୍ଧିଜୀବୀ ଅଭିଭାବକ ଉପସ୍ଥିତ ଥିଲେ। ଡ଼.ଜୟଦେବ ମେହେର ଓ ପ୍ରଫେସର ମୁରଲୀ ପ୍ରେମନାଥ ନାୟକ ଦ୍ୱାରା ପ୍ରଦତ୍ତ ଡାଏରୀ ଓ ଆଇକାର୍ଡ ପିଲାଙ୍କୁ ବଣ୍ଟାଯାଇଥିଲା। ବିଜୟ କୁମାର ସାହୁ ଓ ସୁନନ୍ଦା ପ୍ରଧାନ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଶିବିରରେ ମହାନଗର ନିଗମସ୍ଥ ମୋଟ ୧୪ଟି ହାଇସ୍କୁଲରୁ ୫୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।